ପରମାର୍ଥୀ~~~~ P.O. Regn. No. CK(C)-51/2019-2021

**ଶ୍ରୀ ଶ୍ରୀ ଗୁରୁଗୌରାଙ୍ଗୌ ଜୟତଃ**

ପରମାର୍ଥ ଏବଂ ଧର୍ମାର୍ଥ-କାମ-ମୋକ୍ଷାଦି-ପ୍ରତିପାଦକ କର୍ମ-ଜଡ଼ ଜ୍ଞାନାଦିର ନିରାମକ

ଶ୍ରୀ ଶ୍ରୀ ବିଶ୍ୱବୈଷ୍ଣବ ରାଜସଭାର ପରସାହିତ୍ୟ-ପରିଷଦର ଏକମାତ୍ର ମାସିକ ପତ୍ରିକା

# ଓଁ ପରମାର୍ଥୀ ଓଁ

**ପିବନ୍ତି ଯେ ଭାଗବତ ଆତ୍ମନଃ ସତାଂ**
**କଥାମୃତଂ ଶ୍ରବଣ ପୁଟେଷୁ ସଂଭୃତମ୍ ।**
**ପୁନନ୍ତି ତେ ବିଷୟ ବିଦୂଷିତାଶୟଂ**
**ବ୍ରଜନ୍ତି ତଚ୍ଚରଣ ସରୋରୁହାନ୍ତିକମ୍ ।**
**(ଶ୍ରୀମଦ୍ ଭାଗବତମ୍ ୨।୨।୩୭)**

**କୃଷ୍ଣବର୍ଣ୍ଣଂ ତ୍ୱିଷାଽକୃଷ୍ଣଂ ସାଙ୍ଗୋପାଙ୍ଗାସ୍ତ୍ରପାର୍ଷଦ**
**ଯଜ୍ଞୈଃ ସଂକୀର୍ତ୍ତନ ପ୍ରାୟୈର୍ଯଜନ୍ତି ହି ସୁମେଧସଃ ।।**
**ସୁବର୍ଣ୍ଣବର୍ଣ୍ଣୋ ହେମାଙ୍ଗୋ ବରାଙ୍ଗଶ୍ଚନ୍ଦନାଙ୍ଗଦୀ ।**
**ସନ୍ନ୍ୟାସକୃଚ୍ଛମା ଶାନ୍ତୋ ନିଷ୍ଠା-ଶାନ୍ତିପରାୟଣଃ ।।**
**(ଭା: ୧୧।୫।୩୨ ଓ ମ:ଭା: ୧୪୯ ଅ:)**

**୭୪ ବର୍ଷ ଗୌରାବ୍ଦ ୫୩୪ ଆଶ୍ୱିନ ପୂର୍ଣ୍ଣିମା - ଅକ୍ଟୋବର - ୨୦୨୦ ସଂଖ୍ୟା ୮**

## ସୂଚୀପତ୍ର


| ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|
| ୧ - ଶ୍ରୀ ଶ୍ରୀଲ ଗୁରୁମହାରାଜଙ୍କ ହରିକଥା | | ୩ |
| ୨- ଗୌଡ଼ୀୟ ଦର୍ଶନ | ଶ୍ରୀଲ ଗୁରୁଗୋସ୍ୱାମୀ ଠାକୁର | ୭ |
| ୩- ଗୋପୀଭାବ | ସଦାଶିବ ପଣ୍ଡା | ୮ |
| ୪- ଭକ୍ତିରସାମୃତସିନ୍ଧୁ - ବିନ୍ଦୁ | ଶ୍ରୀଲ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର | ୧୦ |
| ୫- ଶ୍ରୀ ଗୌର ପାରମ୍ୟ ବାଦ ଓ ସରସ୍ୱତୀ ଉପାଧିଧାରୀ ଯତିତ୍ରୟ | ଶ୍ରୀ ଭକ୍ତିକୁଶଳ (ଖୋର୍ଦ୍ଧା) | ୧୪ |
| ୬- ପ୍ରଚାରଢ଼ାଞ୍ଚା - ମହାଭାରତରେ ଗୋପୀ ବଲ୍ଲଭଶ୍ରୀକୃଷ୍ଣ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧୬ |




# ଶ୍ରୀ ଶ୍ରୀଲ ଗୁରୁମହାରାଜଙ୍କ ହରିକଥା

**ବିଷୟ - ଭାଗବତ-ଧର୍ମ ହିଁ ପ୍ରେମ ଧର୍ମ**

**"ଶ୍ରୀ ବସୁଦେବ ଓ ନାରଦ-ସଂବାଦ"**

ସ୍ଥାନ - ଶ୍ରୀ ଗୌଡ଼ୀୟ ମଠ, ବାଗବଜାର, କୋଲକତା-୩ (ଇଂ. ୬/୮/୬୫)

(ପୂର୍ବ ପ୍ରକାଶନ ଉତ୍ତାରୁ....)

ବିଶ୍ୱର ସମସ୍ତ ଜନସାଧାରଣ ଗୋଟିଏ ଧାରାରେ ଥାନ୍ତି, ଆଉ ମହାଜନ ଯଦି ତାର ବିପରୀତ କଥା କହିଥା'ନ୍ତି ତାହେଲେ ମହାଜନଙ୍କର Statement ସତ୍ୟ ଓ ସନାତନ । କାରଣ ସେ ହୃଦୟର ଉପଲବ୍ଧ ଗଭୀର ସତ୍ୟବାଣୀ ଉଚ୍ଚାରଣ କରନ୍ତି। ମହାଭାଗବତଙ୍କର ଅନୁଭୂତ ଲବ୍ଧ ବାସ୍ତବ ସତ୍ୟ କୌଣସି Imagination ବା speculation

(କଳ୍ପନା ବା ଅନୁମାନ) ନୁହେଁ It is real fact. ( ଏହା ଏକ ନିଛକ ସତ୍ୟ କଥା) ସୁତରାଂ ପରମ ଭାଗବତ କବି'ଙ୍କ ର Opinion (ମତ) ସର୍ବଥା ଗ୍ରହଣୀୟ ଏବଂ ତାଙ୍କ ମୁଖ ନିଃସୃତ ଅମୃତମୟ ବାଣୀର ଆଦର୍ଶରେ - ଜୀବନ ଗଠନ କରିଲେ ହିଁ ଜୀବନର ନିତ୍ୟ କଲ୍ୟାଣ ସାଧିତ ହୁଏ । ବର୍ତ୍ତମାନ ଜଗତର ବିଶ୍ୱ ମାନବର କଲ୍ୟାଣ - ସାଧନେ ପ୍ରଚେଷ୍ଟା ଚାଲିଛି ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତରେ Material Progress (ବସ୍ତୁଗତ ବିକାଶ) ନେଇ ମାତିଛନ୍ତି । ଜଡ଼ ବିଜ୍ଞାନର ଐକାନ୍ତିକ ସାଧନା ସମସ୍ତ ବିଶ୍ୱକୁ ଭ୍ରାନ୍ତ ପଥରେ ପରିଚାଳିତ କରୁଛି; ଏହାର ଅବସମ୍ଭାବୀ ପରିଣାମ ଧ୍ୱଂସ ଛଡ଼ା ଆଉ କିଛି ଭାବିବାକୁ ହେବ ନାହିଁ । ପୃଥିବୀରେ ଚାଲିଛି ଅର୍ଥର ସାଧନା, ବିଦ୍ୟାର ସାଧନା, ସ୍ୱାସ୍ଥ୍ୟ ଓ ପରମାୟୁର ସାଧନା, ଖାଇବା - ପିଇବା, ଇନ୍ଦ୍ରିୟ ତର୍ପଣ ଓ ଅନ୍ନବସ୍ତ୍ରର ସମସ୍ୟା ସମାଧାନ ନିମିତ୍ତ କେତେକ ଲୋକ ଛୋଟବଡ଼ Factories (କାରଖାନା) Agriculture ( କୃଷିକ୍ଷେତ୍ର) School, College, University ( ବିଶ୍ୱବିଦ୍ୟାଳୟ) Tool (ଟୋଲ) Atheletic Club, ସାମାଜିକ ଉନ୍ନୟନ - ସମିତି ପ୍ରଭୃତି ପ୍ରତିଷ୍ଠାର ବିରାଟ ଆୟୋଜନ ଚାଲିଛି । କିନ୍ତୁ ଏ ସମସ୍ତ କର୍ମ ଓ ଜ୍ଞାନ କାଣ୍ଡର କ୍ରିୟା - ପ୍ରତିକ୍ରିୟାର ଶେଷ ପରିଣାମ କ'ଣ ? ଏ ସବୁ ଅନିତ୍ୟ ଓ ଅସତ ବସ୍ତୁରେ ଆତ୍ମବୋଧ ଲାଗିଲେ, ଶୋକ, ହାହାକାର ଛଡ଼ା କିଛି ମଳିବ ନାହିଁ - ଏକଥା ସୁନିଶ୍ଚିତ କାରଣ: ଯେ ଅର୍ଥ ପିପାସାରେ ଛୁଟି ଚାଲିଛି ଉଦ୍‌ଭ୍ରାନ୍ତ ହୋଇ, ତାର କେତେବେଳେ ଅର୍ଥଲାଳସା ମେଣ୍ଟିପାରେନା । ପରନ୍ତୁ ଅର୍ଥ ସଞ୍ଚିତ ହେଲେ ହଜିଯିବାର କିମ୍ବା ଚୋରୀ ଡ଼କାୟତି ହବାର ଭୟଅଛି । ସୁତରାଂ ରାଜା ମହାରାଜା, ଧନୀ କେହି ଭୟରୁ, ତ୍ରାହି ପାଆନ୍ତି ନାହିଁ । ରାଜାକୁ ବରଂ ଭୟ-ସଂକୁଳ ଚିତ୍ତେ ଏ ମର୍ତ୍ତ୍ୟ ଭୂମିରେ ବାସ କରିବାକୁ ହୁଏ । ପୁନଶ୍ଚ ଆଜି ଯେ ମହାରାଜାଧିରାଜ, କାଲି ସେପଥର ଭିକ୍ଷୁକ ।

ସେ ରକମ ସେ ସ୍ୱାସ୍ଥ୍ୟ ନିମିତ୍ତ ଲାଳାୟିତ, ତାର ମଧ୍ୟ ଭୟର ସୀମା ନାହିଁ । କେତେବେଳେ ସ୍ୱାସ୍ଥ୍ୟ ଭଗ୍ନହେବ, ଏ ଭାବ ତା'ର ଅନ୍ତରେ ଗଭୀର ଉଦ୍‌ବେଗ ସଂଚାର କରେ । ଯେ ମାନବ ସ୍ୱାସ୍ଥ୍ୟ ପରମାୟୁ, ଧନ- ଜନ-ଗେହ, ଆତ୍ମୀୟ- ସ୍ୱଜନ ପୁତ୍ର ପରିବାର ଓ ଦେଶବିଦେଶ ପ୍ରତି ଅନୁରକ୍ତ ବା ଆସକ୍ତିଯୁକ୍ତ; ତାର ଭୟରୁ ମୁକ୍ତି ନାହିଁ ଆଜି ଯେ Prime minister ( ପ୍ରଧାନମନ୍ତ୍ରୀ) ଅର୍ଥାତ ପ୍ରତିଷ୍ଠାର ସର୍ବୋଚ୍ଚଶିଖରେ ସମାସୀନ ସମୟ ହୁଏତ ତାର ସେ ସମ୍ମାନକୁ ନଷ୍ଟ କରିଦେଇପାରେ । ପରନ୍ତୁ ମାନବ ଜୀବନଟା କ୍ଷଣ ଭଙ୍ଗୁର, ମାଟିର କଳସୀ ପରି ମୁହୂର୍ତ୍ତରେ ଭାଙ୍ଗିଯାଏ । ସୁତରାଂ ଯେତେ ସ୍ୱାସ୍ଥ୍ୟ ଯେତେ ଧନ, ପରମାୟୁ, ଯେତେ ବିଦ୍ୟା, ଯଶ ପ୍ରତିଷ୍ଠା ଲାଭ କରନା କାହିଁକି ତାର ଅବସାନ ଏଇ ଜୀବିତ କାଳେ ହୋଇପାରେ କିମ୍ବା ମୃତ୍ୟୁ ସମୟରେ ହେବ । School, College, University ରେ ଯେଉଁ ଜଡ଼ ବିଦ୍ୟାର ମାଦକତା ଚାଲିଛି, ସେଥିରେ ଆମର ପରମ ଅକଲ୍ୟାଣ ହିଁ ସାଧିତ ହେଉଛି । 'ବିଦ୍ୟାଦଦାତି ବିନୟମ୍' ଏ ବାଣୀର କୌଣସି ସାର୍ଥକତା ଆଜି ଆଉନାହିଁ । ବିନୟ, ନମ୍ରତା, ଧିରତା ପରିବର୍ତ୍ତେ ଆସିଛି ଦାମ୍ଭିକତା, କପଟତା, ଉଚ୍ଛୃଙ୍ଖଳତା, ଅସରଳତା ଓ ମିଥ୍ୟାବାଦିତା । ବର୍ତ୍ତମାନ କି ପ୍ରାଚ୍ୟ, କି ପାଶ୍ଚାତ୍ୟ, ଏ ମାଦକତାର ହୁଂକାର ରବ ପ୍ରତିଧ୍ୱନିତ ହେଉଛି; ପ୍ରେମ ମୈତ୍ରୀର ପରିବର୍ତ୍ତେ ଦେଖା ଦେଇଛି ହିଂସା, ଘୃଣା ଓ ସଂଗ୍ରାମର ପଙ୍କ ଭୂମିକା । ଯଦି School, College, Hospital ପ୍ରଭୃତି ନିର୍ମାଣ ନକରି ହରି ଭଜନର Center ( କେନ୍ଦ୍ର) ଖୋଲାଯାଏ, ତାହେଲେ ସମାଜର ଓ ବିଶ୍ୱର କଲ୍ୟାଣ ଅନେକ ବେଶିହେବ ଗୋଟିଏ ଆଶ୍ରମ ସ୍ଥାପନ ଦ୍ୱାରା ଜୀବର ପରମତମ କଲ୍ୟାଣ ସାଧିତ ହୁଏ ।

ଏ ଅନିତ୍ୟ ସଂସାରରୁ ମୁକ୍ତିର ଉପାୟ କ'ଣ ? ଏ ପ୍ରଶ୍ନ ସ୍ୱଭାବତଃ ଆମ ମନରେ ଯାଗେ ମରଣ ଭୟରୁ ରକ୍ଷା ପାଇବାର ଏକମାତ୍ର ଉପାୟ ଭଗବାନଙ୍କ ଚରଣ-କମଳ- ଧ୍ୟାନ; ତାଙ୍କ ସେବାରେ, ତାଙ୍କ ପୂଜାରେ ଆତ୍ମନିୟୋଗ କରିବା ତାଙ୍କର ଚରଣ ପଦ୍ମରେ ଆତ୍ମନିୟୋଗ କରି ପାରିଲେ ମନୁଷ୍ୟର କୌଣସି ପ୍ରକାର ଭୟ ରହି ପାରେନା ଭଗବାନଙ୍କ ଠାରେ ନିବେଦିତ ଆତ୍ମାହିଁ ଅକୁତୋଭୟ ଓ ନିର୍ଭୀକ ଯଦି ତାର କିଛି ନଥାଏ, ତାହେଲେ ତାର ସବୁ ଅଛି ତାର ଧନସମ୍ପତ୍ତି, ବିଦ୍ୟା, ଜନ, ପ୍ରତିଷ୍ଠା ନଥିଲେ ମଧ୍ୟ ତାର ସବୁ କିଛି ଅଛି ଅଛିତାର ଆନନ୍ଦ, ଅଛି ଶାନ୍ତି, ଅଛି ନିର୍ଭୀକତା, ମୃତ୍ୟୁକୁ ସେ ତୁଚ୍ଛଜ୍ଞାନ କରେ।

ଅଶୋକ ଅଭୟ, ଅମୃତ-ଆଧାର
    ତୋମାର ଚରଣଦ୍ୱୟ
ତାହାତେ ଏଖନ ବିଶ୍ରାମ ଲଭିୟା,
    ଛାଡ଼ିନୁ ଭବେର ଭୟ ।    - ଶରଣାଗତି ।

**ଶ୍ରୀ ହରିଭଜନର ବାଧା ଅତିକ୍ରମ କରିବାର ଉପାୟ :**

କିନ୍ତୁ ଭଗବତ - ଭଜନ ଆରମ୍ଭ ହେଉଣୁ ବା ନ ହେଉଣୁ ବାହାରେ ଓ ଭିତରେ ବାଧା ଉପସ୍ଥିତ ହୋଇ ଭୟ ଉତ୍ପାଦନ କରିପାରେ । ହରିଭଜନରେ ଅଗ୍ରସର ହେଲେ ମାତାପିତା, ବନ୍ଧୁବାନ୍ଧବ, ସ୍ତ୍ରୀ ପୁତ୍ର, ସମାଜ ସମସ୍ତେ ବାଧା ଦିଅନ୍ତି । କିନ୍ତୁ ଏତେ ଦିନ ସେ ଯେ ଅଧଃପତିତ ଜୀବନଯାପନ କରୁଥିଲା ସେଥିରେ କେହି ବାଧା ଦେଇ ନାହାନ୍ତି। ହରିଭଜନରେ ତତ୍ପର ହେବା ସଙ୍ଗେ ସଙ୍ଗେ Obstacles (ବାଧା) ଆସି ଉପସ୍ଥିତ ହୁଏ । କିନ୍ତୁ ଯଦି ସଂକଳ୍ପ ଠିକ ରହେ, Determination ( ଲକ୍ଷ) ଯଦି ହଲ୍‌ଚଲ ନ ହୁଏ; ତାହେଲେ ବାଧାଗୁଡ଼ିକ ଫୁତ୍କାରରେ ଉଡ଼ିଯାଏ । Strength of mind and courage of conviction ( ମନୋବଳ ଓ ଦୃଢ଼ବିଶ୍ୱାସ) ସବୁ ବାଧାକୁ ଅତିକ୍ରମ କରିଚାଲିଯାଏ । ହରିଭଜନ ଯଦି ଜୀବନରେ ସର୍ବଶ୍ରେଷ୍ଠ କାମ୍ୟ ବସ୍ତୁ ହୋଇଥାଏ; ତାଙ୍କ ଚରଣକମଳ ଦର୍ଶନ ଯଦି ଜୀବନର ଏକମାତ୍ର ଲକ୍ଷ୍ୟ ହୋଇଥାଏ; ତାହେଲେ ସେ ନିର୍ଭୀକ। ଏଇ ସୁଦୃଢ଼ ସଂକଳ୍ପ ହିଁ ମାୟାରୁ ମୁକ୍ତିଦେବ ।

ପରନ୍ତୁ ନିଜ ଅନ୍ତର ରୁ ବାଧା ସୃଷ୍ଟି ହୋଇପରେ କାମ, କ୍ରୋଧ, ଲୋଭ, ମଦ, ମୋହ, ମାତ୍ସର୍ଯ୍ୟ ପ୍ରଭୃତି ନାନାରକମ ଉତ୍ପାତ ସୃଷ୍ଟିକରେ। ନୈରାଶ୍ୟ ଆସି ମନକୁ ଦୁର୍ବଳତାରେ ଛାଇଦିଏ। ଅସନ୍ତୁଷ୍ଟା, ହୃଦୟ ଦୌର୍ବଲ୍ୟ ଓ ଅନର୍ଥ ଆମକୁ ହରିଭଜନରେ ବାଧାଦିଏ ଅଜିତେନ୍ଦ୍ରିୟତା, ପାପ ପରାୟଣତା, ମାନସିକ ଓ ଶାରୀରିକ ଦୁର୍ବଳତା ଆମକୁ ହରିଭଜନ ପଥେ Obstacle (ପ୍ରତିବନ୍ଧକ) ହୋଇ ଦଣ୍ଡାୟମାନ ହୁଏ ସେତେବେଳେ ହୁଏତ ନୈରାଶ୍ୟରେ ଅଭିଭୂତ ହୋଇ ଏପଥରୁ ଛୁଟି ନେବାକୁ ହୁଏ। ଭକ୍ତି ପଥର ସାଧନା, କୁସୁମାକୀର୍ଣ୍ଣ ନୁହେଁ; ପରନ୍ତୁ ଖୁବ କଣ୍ଟକାକୀର୍ଣ୍ଣ କିନ୍ତୁ ଶ୍ରୀଲ ଜୀବ ଗୋସ୍ୱାମୀପାଦ ଯେଉଁ ଆଶାର ବାଣୀ ଉଚ୍ଚାରଣ କରିଛନ୍ତି ସେଥିରେ ଆମେ ଅଭିଭୂତ ହେବାର କିଛିନାହିଁ । କାରଣ ଯିଏ ଥରେ ଏପଥରେ ଚାଲିବାର ଦୃଢ଼ ସଂକଳ୍ପ ଗ୍ରହଣ କରିଛି; ସତ୍ସଙ୍ଗରୁ ଭଗବତ୍- ଭଜନହିଁ ଜୀବନର ଏକମାତ୍ର ଉଦ୍ଦେଶ୍ୟ ବୋଲି ଯେ ଜ୍ଞାନ କରିଛି; ଯେ ଅବିଚଳିତ ବିଶ୍ୱାସେ ଶ୍ରୀ ଗୁରୁପାଦ ପଦ୍ମକୁ ଆଶ୍ରୟ କରିଛି ତାର କୌଣସି ଦିଗରୁ କୌଣସି ପ୍ରକାର ନୈରାଶ୍ୟରେ ଭାଙ୍ଗି ପଡ଼ିବାର କାରଣ ନାହିଁ। ଯଦି କେହି ଅନ୍ତର ଭିତରୁ

ଡ଼ାକେ ଯେ ହେ କୃଷ୍ଣ ! ଆମି ତୋମାର ହଲାମ; ତାହେଲେ ତାର ସମସ୍ତ ଭାର ସେ ଗ୍ରହଣ କରିଥାନ୍ତି - ଏହାହିଁ ଭଗବାନ ଶ୍ରୀକୃଷ୍ଣଙ୍କର ପ୍ରତିଜ୍ଞା ଯେଉଁ ଅନର୍ଥଟି ବର୍ତ୍ତମାନ ଆସି ମନକୁ ବିଚଳିତ କରୁଛି; ତା ତାହାଙ୍କ କୃପାରେ ହିଁ କ୍ରମେ କଟିଯିବ; ଦୁଃଖର ଦିନଗୁଡ଼ିକ ଚାଲିଯିବ; ନବ-ସୂର୍ଯ୍ୟୋଦୟରେ ସାଧକର ଅନ୍ତର ଭରପୂର ହୋଇଯିବ ଭକ୍ତି ପଥର ପଥିକର କୌଣସି ଦିନ ବିନାଶ ନାହିଁ

**ନ ମେ ଭକ୍ତଃ ପ୍ରଣଶ୍ୟତି** - ଶ୍ରୀ ଗୀତା ୯/୩୧

ଭକ୍ତିପଥ ପ୍ରଶସ୍ତ ରାଜପଥ । It is a royal road ଏଇ ପଥହି ଆମକୁ ଗନ୍ତବ୍ୟ ସ୍ଥଳକୁ ନେଇଯିବ, ଭକ୍ତି ପଥରେ ବହୁ କଣ୍ଟକ ଥାଇପାରେ; କିନ୍ତୁ ଭଗବାନ ସ୍ୱୟଂ ସାଧକର ହାତଧରି ନେଇଯାଆନ୍ତି ବର୍ତ୍ତମାନ ଆମର କର୍ତ୍ତବ୍ୟ - We must follow the idea until the goal is reached. ଲକ୍ଷ୍ୟସ୍ଥଳରେ ପହଞ୍ଚିଲା ପର୍ଯ୍ୟନ୍ତ ଆମେ ନିଶ୍ଚିତ ଏ ପଥ ଅନୁସରଣ କରିବା ।

ଉତିର୍ଷ୍ଠତ, ଜାଗ୍ରତ, ପ୍ରାପ୍ୟବରାନ୍ ନିବୋଧତା - (କଣ୍ଠ ୨/୩/୪)

'ଉଦ୍ଦେଶ୍ୟ ଯଦି ଠିକ ରହେ ତେବେ ସିଦ୍ଧି ଆମର କରତଳଗତ । ଯଦି ଭଗବାନଙ୍କର ଚରଣ କମଳରେ ପ୍ରଥମ ଅବସ୍ଥାରେ ଦୃଢ଼ଭକ୍ତି ନଥାଏ, ସେଥିରେ ନିରାଶ ହୋଇ "ହାଲ ଛେଡ଼େଦେବାର କିଛୁନେଇ;" ଭବପାରାବାରାର ନାବିକ ଦିନେନା ଦିନେ ପାରକରିବେ ଆଜି ହେଉ କାଲି ହେଉ କିମ୍ବା କୋଟି ଜନ୍ମ ପରେ ହେଉ, ଦିନେ ସେ ମାୟାର କବଳରୁ ମୁକ୍ତ କରି ଆନନ୍ଦ-ନିକେତନରେ ପହଞ୍ଚାଇ ଦେବେ । ଆମେ ଖାଲି ପଥ ଚାହିଁ ବସି ରହିବା କେବେ ସେ ଜାଗ୍ରତ ହେବେ ଆମର ହୃଦୟମନ୍ଦିରେ । .

---

## ସ୍ୱଧାମପ୍ରାପ୍ତି

ଖୋର୍ଦ୍ଧା - ଗୌଡ଼ୀୟ ମିଶନର ପ୍ରାକ୍ତନ ଆଚାର୍ଯ୍ୟପାଦ ଶ୍ରୀ ଶ୍ରୀମଦ୍ ଭକ୍ତି ଶ୍ରୀରୂପ ଭାଗବତ ମହାରାଜଙ୍କ ଅନୁକଂପିତ ଶ୍ରୀପାଦ ବନବିହାରୀ ଦାସ (ବୈଦ୍ୟନାଥ ସାମନ୍ତରାୟ) ପ୍ରଭୁଙ୍କର ୨୩/୯/୨୦ ବୁଧବାର ରାତ୍ରି ଘ ୧ ୧-୩୦ମି ବେଳେ ଦେହେନ୍ତ ହୋଇଯାଇଛି । ସେ କିଛି ଦିନ ହେବ ଅସୁସ୍ଥ ଥିଲେ ମଧ ଶ୍ରୀହରି ସ୍ମରଣ କରୁଥିଲେ ଓ ଶେଷ ପର୍ଯ୍ୟନ୍ତ ତାଙ୍କର ସଂଜ୍ଞା ଥିଲା । ସେ କିଛି ବର୍ଷ ଗୌଡ଼ୀୟ ମିଶନ ପରିଚାଳନା ପରିଷଦର ସଦସ୍ୟ ଥିଲେ । ଶ୍ରୀ ଆଚାର୍ଯ୍ୟ ପାଦ ଖୋର୍ଦ୍ଧା ଆସିବା ସମୟରେ ତାଙ୍କ ଭଜନ ଗୃହର ନାମ 'ଭାଗବତଭକ୍ତ୍ୟାଶ୍ରମ' ରଖି ଶ୍ରୀଗୁରୁ ଗୌରାଙ୍ଗ ରାଧାଗୋବିନ୍ଦଙ୍କ ବିଗ୍ରହ ସ୍ଥାପନ କରିଥିଲେ । ଖୋର୍ଦ୍ଧାର ଗୌଡ଼ୀୟ ମିଶନ ଶିଷ୍ୟମାନଙ୍କ ମଧ୍ୟରେ ସେ ସମସ୍ତଙ୍କ ଠାରୁ ବୟସ୍କ ଥିଲେ । ଗୀତାଜୟନ୍ତୀରେ ତାଙ୍କ ଆଶ୍ରମରେ ବାର୍ଷିକ ଉତ୍ସବ ପ୍ରତିବର୍ଷ ପାଳିତ ହେଉଥିଲା । ସେ ଅନେକଙ୍କୁ ଭକ୍ତିମାର୍ଗକୁ ଆକର୍ଷଣ କରିଥିଲେ । ତାଙ୍କ ଅପ୍ରକଟର ତ୍ରୟୋଦଶ ଓ ଚତୁର୍ଦ୍ଦଶ ଦିନରେ ସଂକୀର୍ତ୍ତନ ଓ ବୈଷ୍ଣବ ହୋମାଦି ସଂପାଦିତ ହୋଇଥିଲା । ଗୌଡ଼ୀୟ ମିଶନର କେତୋଟି ଶାଖାମଠର ଠାକୁରଙ୍କ ସିଂହାସନ (କାଷ୍ଠ) ନିର୍ମାଣରେ ସେ ସହାୟତା କରିଥିଲେ । ଶ୍ରୀ ଆଚାର୍ଯ୍ୟ ପାଦଙ୍କର ସେ ବିଶେଷ ସ୍ନେହ ପାତ୍ର ଥିଲେ ।

# ଗୌଡ଼ୀୟ ଦର୍ଶନ

**ଶ୍ରୀଲ ଗୁରୁଗୋସ୍ୱାମୀ ଠାକୁର**



ଦର୍ଶନ-ଶବ୍ଦେ ଶ୍ରୀଧର ସ୍ୱାମୀ ପାଦ କହନ୍ତି ଅନୁଭବ । ପରତତ୍ତ୍ୱର ସାକ୍ଷାତକାର ବା ତା'ର ଅନୁଭବକୁ ଦର୍ଶନ ଆଖ୍ୟା ଦିଆ ହୁଏ । ଆମ୍ଭେମାନେ ଦର୍ଶନ କହିଲେ 'ଦେଖା'କୁ ମନେକରୁ । ଫଳରେ ଦର୍ଶନ କ୍ରିୟାଟି ଚକ୍ଷୁ ଇନ୍ଦ୍ରିୟର କାର୍ଯ୍ୟ ହୋଇ ଠିଆ ହୁଏ କିନ୍ତୁ 'ଦର୍ଶନ' ଶବ୍ଦର ବ୍ୟାପକ ଅର୍ଥରେ ଆହୁରି ମଧ୍ୟ ଅଧିକ କିଛି ବୁଝାଏ ଅର୍ଥାତ ବସ୍ତୁ ସମ୍ବନ୍ଧୀୟ ଗଭୀର ବା ସୂକ୍ଷ୍ମ ଜ୍ଞାନ ବା ଧାରଣା ବିଷୟଟି ମଧ୍ୟ ଆସିଯାଏ ଏବଂ ଏଇ ଜ୍ଞାନ ବା ଧାରଣା ଦର୍ଶନକାରୀର ଅଧକାର ଭେଦରେ ଭିନ୍ନତା ଲାଭ କରେ । ଫଳରେ ଦର୍ଶନ- ଏଇ ଶବ୍ଦଟି ସାଧାରଣ ହେଲେ ମଧ୍ୟ ଅସାଧାରଣ । ବସ୍ତୁର ଯଥାର୍ଥ ତତ୍ତ୍ୱ ନିର୍ଣ୍ଣୟକୁ ମହାଜନଗଣ ଦର୍ଶନ ଶବ୍ଦରେ ଆଖ୍ୟା ଦେଇଥାନ୍ତି ଏବଂ ଏପରି ତତ୍ତ୍ୱ ନିର୍ଣ୍ଣାୟକ ଶାସ୍ତ୍ରକୁ ପ୍ରକୃତ ପକ୍ଷେ ଦର୍ଶନ ଶାସ୍ତ୍ର ବୋଲା ହୁଏ । ପ୍ରାଚୀନ ଆର୍ଯ୍ୟ ମନିଷୀଗଣ ସମାଧିବଳରେ ଯେଉଁ ତତ୍ତ୍ୱ ପ୍ରକଟନ କରନ୍ତି – ତାହାହିଁ ପ୍ରକୃତ ଦର୍ଶନ । ଭାରତ ବର୍ଷରେ ଏହିପରି ବହୁ ଦର୍ଶନର କଥା ପ୍ରଚାର ହୋଇଛି । ସେଥିମଧ୍ୟରୁ ଗୌଡ଼ୀୟ ଦର୍ଶନ ଅନ୍ୟତମ ।

ପ୍ରାଚୀନକାଳରୁ ମୁଖ୍ୟତଃ ୬ଟି ଦର୍ଶନର କଥା ପ୍ରଚାରିତ ହୋଇଛି । ସାଂଖ୍ୟ, ପାତଞ୍ଜଳ, ନ୍ୟାୟ, ବୈଶେଷିକ, ମୀମାଂସା ଓ ବେଦାନ୍ତ ଦର୍ଶନ । ଗୌଡ଼ୀୟ ଦର୍ଶନ ବେଦାନ୍ତ ଦର୍ଶନର ଚରମାବସ୍ଥା । ଯଦିଓ ଶ୍ରୀ ରାମାନୁଜାଚାର୍ଯ୍ୟ, ଶ୍ରୀମଧ୍ୱାଚାର୍ଯ୍ୟ ଓ ଶ୍ରୀଧର ସ୍ୱାମୀ ଆଦି ଆଚାର୍ଯ୍ୟଗଣଙ୍କ ଦ୍ୱାରା ଜଗତରେ ଏଇ ଦର୍ଶନ ପ୍ରଚାରିତ ଥିଲା ତଥାପି ସ୍ୱୟଂ ଭଗବାନ ଶ୍ରୀମନ୍ ମହାପ୍ରଭୁ ଓ ତଦନୁଗତ ଶ୍ରୀଲ ଜୀବଗୋସ୍ୱାମୀ ବା ଶ୍ରୀବଳଦେବ ବିଦ୍ୟାଭୂଷଣ ଆଦି ଆଚାର୍ଯ୍ୟଗଣ ଏଇ ଦର୍ଶନର ବିଶେଷ ଆଲୋଚନା କରିଛନ୍ତି । ବିଶେଷ କରି ବର୍ତ୍ତମାନ ଯୁଗରେ ନିତ୍ୟଲୀଳା ପ୍ରବିଷ୍ଟ ଓଁ ବିଷ୍ଣୁପାଦ ପରମହଂସ ଶ୍ରୀ ଶ୍ରୀଲ ଭକ୍ତିବିନୋଦ ଠାକୁର ଓ ନିତ୍ୟଲୀଳା ପ୍ରବିଷ୍ଟ ଓଁ ବିଷ୍ଣୁପାଦ ପରମହଂସ ୧୦୮ ଶ୍ରୀ ଶ୍ରୀଲ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ପ୍ରଭୁପାଦ ହିଁ ବିଶଦ ବିଚାର ପ୍ରଦର୍ଶନ ପୂର୍ବକ ଏବଂ ବିପୁଳ ପ୍ରଚାର ଦ୍ୱାରା ଆଜି ଗୌଡ଼ୀୟ ଦର୍ଶନକୁ ଜଗତବକ୍ଷରେ ଧରିରଖିଛନ୍ତି । ଚାର୍ବାକ ଆଦି ଋଷିଗଣ ଜଗତରେ ଜଡ଼ଦର୍ଶନ ବା ନାସ୍ତିକ୍ୟବାଦର ପ୍ରଚାର କରିଛନ୍ତି । ଏହାଛଡ଼ା ଶଙ୍କରାଚାର୍ଯ୍ୟ ପ୍ରଚାରିତ ମାୟାବାଦ, ବୌଦ୍ଧ, ଜୈନ ଆଦି ବହୁପ୍ରକାର କଳ୍ପିତ ନାସ୍ତିକଦର୍ଶନର ପ୍ରାଦୁର୍ଭାବ ବଶତଃ ପ୍ରକୃତ ଦର୍ଶନ ବିଷୟରେ ଜୀବ ଆଜି ଭ୍ରମିତ ହେଉଛି ।

ଗୌଡ଼ୀୟ ଦର୍ଶନ ଏମାନଙ୍କଠାରୁ ସମ୍ପୂର୍ଣ୍ଣ ପୃଥକ୍ । ଏଠାରେ ସ୍ୱରୂପଦର୍ଶନ ଦର୍ଶନର କଥା ମୁଖ୍ୟ । କୃଷ୍ଣଙ୍କ ସ୍ୱରୂପ, ଜୀବର ସ୍ୱରୂପ, ମାୟାର ସ୍ୱରୂପ ନେଇ ଆଲୋଚନା । ସ୍ୱରୂପ କହିଲେ ବସ୍ତୁର ଯଥାର୍ଥ ତତ୍ତ୍ୱ ବିଷୟରେ ଜ୍ଞାନ । ଯେଉଁ ବସ୍ତୁଯାହା ତାହାକୁ ଠିକ୍ ଭାବରେ ଜାଣିବା । As He is, not as He is conceived by man or many'' ଗୌଡ଼ୀୟ ଦର୍ଶନ କେବଳ ଆସ୍ତିକ ଦର୍ଶନ ନୁହଁ ପରତତ୍ତ୍ୱ-ପରାକାଷ୍ଠା ସ୍ୱରୂପର ଦର୍ଶନ । ଏହି ଦର୍ଶନ ଏକ ଅଦ୍ୱୟଜ୍ଞାନତତ୍ତ୍ୱ ସ୍ୱରାଟ ପୁରୁଷଙ୍କ ସେବାର କଥା ପୂର୍ଣ୍ଣ ଭାବରେ ପ୍ରକାଶିତ ଓ ବର୍ଣ୍ଣିତ ହୋଇଛି । ଗୌଡ଼ୀୟ ଦର୍ଶନ ହିଁ ପ୍ରକୃତ ଦର୍ଶନ, ପୂର୍ଣ୍ଣ ଦର୍ଶନ ଏବଂ ରସମୟ ସ୍ୱରୂପର ଦର୍ଶନ । ଭଗବତ ସ୍ୱରୂପର ଅପ୍ରାକୃତ ଇନ୍ଦ୍ରିୟ ତୃପ୍ତିମୂଳକ ସେବା ନିମନ୍ତେ ବ୍ୟାକୁଳ ହେବା ହିଁ ଗୌଡ଼ୀୟ ଦର୍ଶନର ରହସ୍ୟ । ଏଠାରେ ଅପ୍ରାକୃତ କାମଦେବଙ୍କ ନାମ, କାମ ଓ ଧାମର ପୂର୍ଣ୍ଣତର୍ପଣର କଥା ରହିଛି । ଏଇ ଦର୍ଶନରେ ସାଯୁଜ୍ୟସାରୂପ୍ୟାଦି ମୁକ୍ତିରି କଥା ନାହିଁ । ତା'ର ଉପରର କଥା ଅର୍ଥାତ ଅମୁକ୍ତଗଣଙ୍କ ଯଥାର୍ଥ ମୁକ୍ତିର କଥା ଏବଂ ମୁକ୍ତଗଣଙ୍କର ପରମମୁକ୍ତି ଅର୍ଥାତ ଚିଦ୍‌ବିଳାସମୟ ସେବାର କଥା ଅଛି । ଗୌଡ଼ୀୟ ଦର୍ଶନ ସମ୍ଭୋଗବାଦ ନୁହେଁ ପରନ୍ତୁ ଅପ୍ରାକୃତ କାମଦେବଙ୍କ ନିତ୍ୟନବ-ନବାୟମାନ ଇନ୍ଦ୍ରିୟ ପରିତୃପ୍ତିକରିଣୀ ସେବା ପ୍ରାଣତାମୟ ।

ଆଉ ଯେତେ ପ୍ରକାର ଦର୍ଶନ ଅଛି ସେଗୁଡ଼ିକ ଜଡ଼ ଦର୍ଶନ ବା ନାସ୍ତିକ ଦର୍ଶନ । ଜଡ଼ ବିଶେଷ, ନିର୍ବିଶେଷ ଓ ଚିଦ୍‌ବିଶେଷ ଦର୍ଶନର ଏଇ ତିନି ପ୍ରକାର ଭେଦ ରହିଛି । ଉତ୍ତୋରତ୍ତର ଏମାନେ ଶ୍ରେଷ୍ଠ । ଚିଦ୍‌ବିଶେଷ ଦର୍ଶନର ପରାବସ୍ଥା ହିଁ ଗୌଡ଼ୀୟ ଦର୍ଶନ । ଗୌଡ଼ୀୟ ମାନେ ଜଡ଼ାକାର ବା ନିରାକାରଙ୍କ ଉପାସକ ନୁହଁନ୍ତି । ସେମାନେ ସାକ୍ଷାତ ଭଗବାନ ବ୍ରଜେନ୍ଦ୍ରନନ୍ଦନଙ୍କ ଉପାସକ । ଅନ୍ୟାନ୍ୟ ଦର୍ଶନ ଗୁଡ଼ିକ ଆଭାସ ଅର୍ଥାତ ବାହାର ଖୋଳ ଦର୍ଶନ ବ୍ୟତୀତ ଆଉ କିଛି ନୁହେଁ । ମୁଁ ଭୋକ୍ତା, ଜଡ଼ ଜଗତ, ଭୋଗ୍ୟ ଏହି ବୁଦ୍ଧିରେ ଆଚ୍ଛନ୍ନ ହୋଇ ଯେଉଁ ସବୁ ଦର୍ଶନରେ ଜଗତର ଅଧିକାଂଶ ଜୀବ ବ୍ୟସ୍ତ ସେସବୁ ହିଁ ଜଡ଼ ଦର୍ଶନ ବା ନାସ୍ତିକଦର୍ଶନର ଅନ୍ତର୍ଗତ ଏବଂ ଏହା ଦ୍ୱାରା ବାସ୍ତବିକ ପକ୍ଷେ ଆତ୍ମମାନଙ୍କର ପତନ । ସାଂଖ୍ୟ, ପାତଞ୍ଜଳ, ଆଦି ଦର୍ଶନନାସ୍ତିକ । ଏଗୁଡ଼ିକରେ କୌଣସିଠାରେ ପ୍ରଚ୍ଛନ୍ନ କୌଣସିଠାରେ ବା ସ୍ପଷ୍ଟ ଇନ୍ଦ୍ରିୟତର୍ପଣର ବ୍ୟାପାର ରହିଛି । ଏଗୁଡ଼ିକ ଦେହ ଧର୍ମ ବା ମନୋଧର୍ମ ପ୍ରଧାନ । ବେଦାନ୍ତ ଦର୍ଶନ ମଧ୍ୟରେ ନିର୍ବିଶେଷ ଦର୍ଶନଟି ଆସ୍ତିକ ଦର୍ଶନ ହେଲେ ମଧ୍ୟ ତାହା ଅସ୍ପଷ୍ଟ ଦର୍ଶନ । ଏହା ଚରମ ଦର୍ଶନ ନୁହେଁ ।

*କ୍ରମଶଃ*

# ଗୋପୀଭାବ

**ସଦାଶିବ ପଣ୍ଡା**

ଲୀଳା କରିବାକୁ ଇଚ୍ଛାକଲେ କୃଷ୍ଣ
ଲୀଳାମୟ ଭଗବାନ
ପରିକର ସବୁ ସଙ୍ଗେ ଧରିକରି
କରିଲେ ଅବତରଣ ॥୧॥
ଧରା ଦ୍ରୋଣ ନାମେ ଭକ୍ତ ଦୁଇଜଣ
କରିଲେ ତପସ୍ୟା ଘୋର
ଶେଷରେ ତପସ୍ୟା ସିଦ୍ଧି ଲାଭ ହେଲା
ଆସିଲେ କରୁଣା କର ॥୨॥
ମାଗିଥିଲେ ଦୁହେଁ ପୁତ୍ର ହେବା ପାଇଁ
ତୁମକୁ କରୁଛୁ ଇଚ୍ଛା
କହିଲେ ଗୋବିନ୍ଦ ଦ୍ୱାପର ଯୁଗରେ
ପୂର୍ଣ୍ଣ ହେବ ମନବାଞ୍ଛା ॥୩॥
ଧରାଦ୍ରୋଣ ହେଲେ ନନ୍ଦ ଓ ଯଶୋଦା
ଆଉ ଯେତେ ପରିକର
ଗୋପ ଗୋପୀ ହୋଇ ଜନମ ଲଭିଲେ
ଗୋକୁଳ ନାମେ ଧାମର ॥୪॥
ଆହ୍ଲାଦିନୀ ଶକ୍ତି ରାଧା ଜନମିଲେ
ହୋଇ ବୃଷଭାନୁ ସୁତା
କୃଷ୍ଣଙ୍କ ସହିତ ଲୀଳା କରିଥିଲେ
ସଙ୍ଗରେ ଗୋପ ବନିତା ॥୫॥
ଏହି ଲୀଳା ଭକ୍ତ ଭଗବାନ ମଧ୍ୟେ
ହୋଇଥିଲା ସଙ୍ଗଠିତ
ଏହାକୁ ଜଡ଼ୀୟ ଚକ୍ଷୁରେ ଦେଖିଲେ
ଫଳ ହେବ ବିପରୀତ ॥୬॥
ଗୋପୀମାନଙ୍କର ସବୁ ଇନ୍ଦ୍ରିୟର
କୃଷ୍ଣ ଥିଲେ ଏକେଶ୍ୱର
ମନ ପ୍ରାଣ ସବୁ କୃଷ୍ଣଙ୍କର ଥିଲା
ତାର ନାହିଁ ପଟାନ୍ତର ॥୭॥
ଖାଇବା ପିଇବା ସବୁଥିରେ ଗୋପୀ
ଦେଖୁଥିଲେ କୃଷ୍ଣରୂପ
ଏପରିକି ନିଜ ସ୍ୱାମୀଙ୍କୁ ସେମାନେ
ଭାବନ୍ତି କୃଷ୍ଣ ସ୍ୱରୂପ ॥୮॥
ଗୋବତ୍ସା ସେବନ ସୁଖାଦ୍ୟରନ୍ଧନ
କରୁଥିଲେ କୃଷ୍ଣପାଇଁ
ଭାବୁଥିଲେ ମନ କୃଷ୍ଣ ଆମ କାହ୍ନା
ବସିବ ତାହାକୁ ଖାଇ ॥୯॥
ଦହି, କ୍ଷୀର, ସର ଯେତେ କରୁଥିଲେ
ମନରେ ଥିଲା ଭାବନା
କିପରି ଆସିଣ ଭୋଜନ କରନ୍ତା
ନନ୍ଦ ରାଜ ସୁତ କାହ୍ନା ॥୧୦॥
ଖାଇଲେ କହନ୍ତି ଖାଇଗଲା ବୋଲି
ଅନ୍ତରେ ଭାରି ଆନନ୍ଦ
ଅଭିଯୋଗ କରି କହନ୍ତି ଯଶୋଦା
ତୁମ ପୁତ୍ର ବଡ଼ ମନ୍ଦ ॥୧୧॥
ଦଧିର ମନ୍ଥନ କରୁଥିବା ବେଳେ
କୃଷ୍ଣଙ୍କର ଲୀଳା ଗାନ
କରିଥାନ୍ତି ସଦା ଗୋପୀମାନେ ମନେ
ଧନ୍ୟ ତାଙ୍କର ଜୀବନ ॥୧୨॥

ଯମୁନାକୁ ଦେଖି କୃଷ୍ଣ ସ୍ମୃତି ଆସେ
ଆକାଶରେ କୃଷ୍ଣ ସ୍ମୃତି
ନିଜର ସର୍ବସ୍ୱ କୃଷ୍ଣ ସମର୍ପିତ
ଧନ୍ୟରେ ଗୋପିକା ଜାତି ॥୧୩॥
କୃଷ୍ଣ ବଂଶୀସ୍ୱନ ଶୁଣି ଗୋପୀଗଣ
ନିଜକୁ ଯାଆନ୍ତି ଭୁଲି
ଗୃହ କର୍ମଛାଡ଼ି ସର୍ବ ପରିହରି
ବଣକୁ ଯାଆନ୍ତି ଚାଲି ॥୧୪॥
ଆଶ୍ଚର୍ଯ୍ୟ ରୂପରେ ନିଜକୁ ସଜାନ୍ତି
ପିନ୍ଧି ଅଳଙ୍କାର ମାନ
ଗୋଡ଼ର ଅଳତା ଓଠରେ ମାରନ୍ତି
ଓଲଟା ପିନ୍ଧି ବସନ ॥୧୫॥
ପଦ ଅଳଙ୍କାର ହସ୍ତରେ ପିନ୍ଧନ୍ତି
ହସ୍ତ ଅଳଙ୍କାର ପଦେ
ସୁତ ସୁତା ସବୁ ତଳେ ଫିଙ୍ଗିଦେଇ
ଧାଇ ଆନ୍ତି ବଣ୍ୟ ପଥେ ॥୧୬॥
ପତିରୂପେ କୃଷ୍ଣ ପାଇବା ପାଇଁକି
ବ୍ରଜର କୁମାରୀଗଣ
କଠିନ ତପସ୍ୟା କରିଥିଲେ ଯାଇ
ଶୀତଜଳେ କରି ସ୍ନାନ ॥୧୭॥
କାତ୍ୟାୟିନୀ ପୂଜା କରିଥିଲେ ସର୍ବେ
ବିବସ୍ତ୍ର ହୋଇଣ ଜଳେ
ମାଗିଥିଲେ ବର କୃଷ୍ଣ ଆମ ପତି
ହୋଇଥାଉ କାଳେକାଳେ ॥୧୮॥
ଜାର ନାରୀ ଯେହ୍ନେ କର୍ମ କରୁଥାଏ
ଭାବୁଥାଏ ଉପପତି
ସେହିପରି ବ୍ରଜ ଗୋପୀକା ଗଣଙ୍କ
କୃଷ୍ଣେ ରହୁଥିଲା ମତି ॥୧୯॥
କାୟ ମନ ବାକ୍ୟ ସବୁଥିଲେ କୃଷ୍ଣ
ଭଜୁଥିଲେ ଗୋପୀଗଣ
ଏହିପରି ସର୍ବ ବ୍ରଜ ଗୋପୀଙ୍କର
ଭଜନଟି ଥିଲା ଟାଣ ॥୨୦॥
ଏହିପରି ଭକ୍ତ କୃଷ୍ଣ ଅନୁରକ୍ତ
ଗୋପୀଙ୍କର ଇଛା ପାଇଁ
ଜଗତର ପ୍ରଭୁ ନୃତ୍ୟ କରୁ ଥିଲେ
ଯେପରି କାଠ କଣ୍ଢେଇ ॥୨୧॥
ମାରି ପାରୁଥିଲେ ବାନ୍ଧି ପାରୁଥିଲେ
କୃଷ୍ଣଙ୍କ ପ୍ରେମର ଡୋରେ
ସେଥିରେ କୃଷ୍ଣଙ୍କ ଆନନ୍ଦ ଅପାର
(କିନ୍ତୁ) କାନ୍ଦୁଥିଲେ ଉଚ୍ଚ ସ୍ୱରେ ॥୨୨॥
ନନ୍ଦ ବାବାଙ୍କର କଠାଉ ମୁଣ୍ଡରେ
ଧରୁଥିଲେ ବିଶ୍ୱ ତାତ
ଧନ୍ୟ ଗୋପଗୋପୀ ଧନ୍ୟ ନନ୍ଦରାଜା
ଧନ୍ୟ ସେ ଯଶୋଦା ମାତ ॥୨୩॥
ଏହି ଗୋପୀ ପ୍ରେମ ପାଇବା ପାଇଁକି
ଉଦ୍ଧବ, ବ୍ରହ୍ମା ଶଙ୍କର
ଯୁଗେ ଯୁଗେ ଚେଷ୍ଟା କରୁଛନ୍ତି ଗୋପୀ
ପଦଧୂଳି ଅଙ୍ଗୀକାର ॥୨୪॥
ଏହି ଗୋପୀଭାବ ଗୋପୀ ପ୍ରେମ ବୋଲି
କହିଛନ୍ତି ମହାଜନ
ଏପରି ଭକତି କରିଲେ ହୋଇବ
କୃଷ୍ଣଙ୍କର ନିଜ ଜନ ॥୨୫॥

# ଭକ୍ତିରସାମୃତସିନ୍ଧୁ - ବିନ୍ଦୁ

(ଧାରାବାହିକ) **ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀ ଠାକୁର**

ଶ୍ରୀମନ୍ମହାପ୍ରଭୁଙ୍କ ଅପ୍ରକଟର ଚାରିଶହ ବର୍ଷ ପରେ ଏହି ଶ୍ୱେତଦ୍ୱୀପ ପୃଥିବୀର ସମସ୍ତ ତୀର୍ଥସ୍ଥଳ ଅପେକ୍ଷା ସର୍ବପ୍ରଧାନ ତୀର୍ଥ ରୂପେ ପରିଗଣିତ ହେବ । ଏଠାରେ ବାସ କଲେ ସମସ୍ତପ୍ରକାର ଅପରାଧ ଦୂର ହୋଇଯାଏ ତଥା ଶୁଦ୍ଧା ଭକ୍ତି ମିଳେ ଶ୍ରୀଳ ପ୍ରବୋଧାନନ୍ଦ ସରସ୍ୱତୀ ଏହି ଧାମକୁ ଶ୍ରୀବୃନ୍ଦାବନ ଧାମଠାରୁ ଅଭିନ୍ନ କହି ମଧ୍ୟ କୌଣସି ବିଷୟରେ ଏହାର ମାହାତ୍ମ୍ୟ ଅଧିକ ବୋଲି କୀର୍ତ୍ତନ କରିଛନ୍ତି ।

ଉପରୋକ୍ତ ତୀର୍ଥ-ସ୍ଥାନରେ ବାସ କରିବାକୁ ଅସମର୍ଥ ହେଲେ, ଧାମର ମାହାତ୍ମ୍ୟ ଶୁଣିଲେ ତୀର୍ଥରେ ବାସ କରିବାର ପ୍ରବଳ ଇଚ୍ଛା ଉଦିତ ହୁଏ ତଥା କାଳାନ୍ତରରେ ତୀର୍ଥରେ ବାସ କରିବାର ସୌଭାଗ୍ୟ ମିଳେ।

(୮) ସ୍ୱଭକ୍ତି-ଜୀବନ- ନିର୍ବାହୋପଯୋଗୀ ଅର୍ଥ ବା ବିଷୟ ଗ୍ରହଣ କରିବା ନାରଦୀୟପୁରାଣରେ କୁହାଯାଇଛି

ଯାବତା ସ୍ୟାତ ସ୍ୱନିର୍ବାହଃ ସ୍ୱୀକୁର୍ଯ୍ୟାତ୍ତାବଦର୍ଥବିତ ।
ଆଧିକ୍ୟେ ନ୍ୟୂନତାୟାଞ୍ଚ ଚ୍ୟବତେ ପରମାର୍ଥତଃ ।। (ଭ, ର. ସି. ୧/୨/୧୦୮)

ଅର୍ଥାତ ଯେତିକି ପରିମାଣରେ ନିୟମମାନଙ୍କୁ ଅନୁଷ୍ଠାନ କଲେ ନିଜ ଭକ୍ତିର ନିର୍ବାହ ହେବ, ଧନବାନ ବ୍ୟକ୍ତି ସେତିକିମାତ୍ର ଧନ ଆଦି ଗ୍ରହଣ କରିବେ । ଯେହେତୁ ଆବଶ୍ୟକତା ଠାରୁ ଅଧିକ ବା ଅଳ୍ପ ଗ୍ରହଣ କଲେ ପରମାର୍ଥରୁ ଭ୍ରଷ୍ଟ ହେବାକୁ ହୁଏ।

ବୈଧୀଭକ୍ତିର ଅଧିକାରୀ ବର୍ଣ୍ଣାଶ୍ରମ ଧର୍ମ ଅନୁସାରେ ନିର୍ଦ୍ଧାରିତ ସଦ୍- ଉପାୟମାନଙ୍କ ଦ୍ୱାରା ଅର୍ଥ ଉପାର୍ଜନପୂର୍ବକ ଜୀବନ ନିର୍ବାହ କରିବେ, ଆବଶ୍ୟକତା ଅନୁସାରେ ଅର୍ଥ ସଂଗ୍ରହ କଲେ କଲ୍ୟାଣ ହୁଏ ଆବଶ୍ୟକତା ଠାରୁ ଅଧିକ ଗ୍ରହଣରେ ଲୋଭ କଲେ ଆସକ୍ତି ହୁଏ ଯାହା ଦ୍ୱାରା ଭଜନ କ୍ରମଶଃ ନଷ୍ଟ ହୋଇଯାଏ। ଆବଶ୍ୟକତା ଠାରୁ କମ ସ୍ୱୀକାର ମଧ୍ୟ ଅହିତକର ଅଟେ। ଯେହେତୁ ଏପରି ହେଲେ ଅଭାବ ଉପସ୍ଥିତ ହୋଇ ଭଜନକୁ କ୍ଷୀଣ କରି ଦିଏ ସେଥିପାଇଁ ନିରପେକ୍ଷ ନ ହେବା ପର୍ଯ୍ୟନ୍ତ ଜୀବନ- ନିର୍ବାହ- ଉପଯୋଗୀ ଅର୍ଥାଦି ସ୍ୱୀକାରପୁର୍ବକ ଶୁଦ୍ଧଭକ୍ତିର ଅନୁଶୀଳନ କରିବା ଉଚିତ ।

(୯) ଏକାଦଶୀ ବ୍ରତ

ଶୁଦ୍ଧା ଏକାଦଶୀର ନାମ ହେଉଛି ହରିବାସର। ବିଦ୍ଧା ଏକାଦଶୀକୁ ତ୍ୟାଗ କରିବା ଉଚିତ ମହାଦ୍ୱାଦଶୀ ଉପସ୍ଥିତ ହେଲେ ଏକାଦଶୀକୁ ଛାଡ଼ି ଦ୍ୱାଦଶୀକୁ ପାଳିବା ଉଚିତ ପୁର୍ବଦିନ ବ୍ରହ୍ମଚର୍ଯ୍ୟ ହରିବାସର ଦିନ ନିରମ୍ବୁ ଉପବାସ ଓ ରାତ୍ରି ଜାଗରଣ ସହିତ ନିରନ୍ତର ଭଜନ ଓ ଉପବାସର ଦ୍ୱିତୀୟ ଦିନ ବ୍ରହ୍ମଚର୍ଯ୍ୟ ଓ ଉପଯୁକ୍ତ ସମୟରେ ପାରଣ କରିବା ହିଁ ହରିବାସରର ସମ୍ମାନ କରିବା ଅଟେ । ମହାପ୍ରସାଦ ତ୍ୟାଗ କରିବା ବିନା ନିରମ୍ବୁ (ଜଳରହିତ) ଉପବାସ ହୁଏ ନାହିଁ।

ସାମର୍ଥ୍ୟହୀନ ଅଥବା ଶକ୍ତିହୀନ ଅବସ୍ଥାରେ ପ୍ରତିନିଧ ବା ଅନୁକଳ୍ପର ବ୍ୟବସ୍ଥା ଅଛି- 'ନକ୍ତଂ ହବିଷ୍ୟାନ୍ନଂ (ହ. ଭ. ବି. ୧ ୨/୩୯ ଧୃତ, ବାୟୁପୁରାଣ) ବଚନ ଅନୁସାରେ ଅନୁକଳ୍ପର ବ୍ୟବସ୍ଥା ଅଛି । ପ୍ରତିନିଧି ଦ୍ୱାରା ଉପବାସର ବିଧି ମଧ 'ହରିଭକ୍ତିବିଳାସ' ( ୧ ୨/୩୪)ରେ ଦିଆଯାଇଛି, ଯଥା -

ଉପବାସେତ୍ୱସକ୍ତସ୍ୟ ଆହିତାଗ୍ନେରଥାପି ବା ।
ପୁତ୍ରାନ ବା କାରୟେଦନ୍ୟାନ ବ୍ରାହ୍ମଣାନ ବାପି କାରୟେତ ॥

ଅର୍ଥାତ ସାଗ୍ନିକ ବ୍ରାହ୍ମଣ ଉପବାସ କରିବାକୁ ଅସମର୍ଥ ହେଲେ ପୁତ୍ରମାନଙ୍କ ଦ୍ୱାରା ଅଥବା ବ୍ରାହ୍ମଣମାନଙ୍କ ଦ୍ୱାରା ଉପବାସ କରାଇବେ ।

ହବିଷ୍ୟାନ୍ନ ଆଦି ଦ୍ୱାରା ଉପବାସର ବିଧି 'ହରିଭକ୍ତିବିଳାସ ( ୧ ୨/୩୯)ରେ ଧୃତ 'ବାୟୁପୁରାଣ'ରେ ଅଛି, ଯଥା - ନକ୍ତଂ ହବିଷ୍ୟାନ୍ନମମନେ।ଦନମ୍ବା ଫଳଂ ତିଳାଃ କ୍ଷୀରମଥାମ୍ବୁଗଜ୍ୟଂ ।
ଯତ୍ ପଞ୍ଚଗବ୍ୟଂ ଯଦି ବାପି ବାୟୁଃ ପ୍ରଶସ୍ତମତ୍ରୋତ୍ତରମୁତ୍ତରଞ୍ଚ ।।

ଅର୍ଥାତ ରାତିରେ ହବିଷ୍ୟାନ୍ନ ଅନ୍ନକୁ ଛାଡ଼ି ଅନ୍ୟ ଅନ୍ୟ ଦ୍ରବ୍ୟ ଫଳ, ତିଳ, ଦୁଗ୍ଧ, ଜଳ, ଘୃତ, ପଞ୍ଚଗବ୍ୟ ଅଥବା ବାୟୁ ଏହି ବସ୍ତୁମାନ କ୍ରମଶଃ ପରସ୍ପର ଅନ୍ୟ ଠାରୁ ଶ୍ରେଷ୍ଠ ଅଟନ୍ତି । ମହାଭାରତ ଉଦ୍ୟୋଗପର୍ବ ଅନୁସାରେ ଜଳ, ମୂଳ, ଫଳ, ଦୁଗ୍ଧ, ଘୃତ, ବ୍ରାହ୍ମଣ କାମନା, ଗୁରୁବଚନ ଓ ଔଷଧ- ଏହି ଆଠଟି ଦ୍ୱାରା ବ୍ରତ ନଷ୍ଟ ହୁଏ ନାହିଁ ଯଥା- -

ଅଷ୍ଟୈତାନ୍ୟ-ବ୍ରତଘ୍ନାନି ଆପୋ ମୂଳଂ ଫଳଂ ପୟଃ
ହବିର୍ବ୍ରାହ୍ମଣକାମ୍ୟଂ ଚ ଗୁରୋର୍ବଚନମୌଷଧମ ।

ହରିବାସର ଅର୍ଥାତ ଏକାଦଶୀ ତଥା ଜନ୍ମାଷ୍ଟମୀ, ରାମନବମୀ, ନୃସିଂହ- ଚତୁର୍ଦ୍ଦଶୀ, ଗୌରପୂର୍ଣ୍ଣିମା ଆଦି ବୈଷ୍ଣବ ବ୍ରତକୁ ମଧ ପାଳିବା ଉଚିତ । ଚାରିବର୍ଣ୍ଣ ଓ ଚାରିଆଶ୍ରମର ନର-ନାରୀ, ସଭିଙ୍କ ପାଇଁ ଏକାଦଶୀ ପାଳନର ବିଧାନ ହରିଭକ୍ତିବିଳାସରେ ଦିଆଯାଇଛି । ସ୍ତ୍ରୀମାନଙ୍କ ମଧ୍ୟରୁ ସଧବା ଓ ବିଧବା ସଭିଙ୍କ ପାଇଁ ଏକାଦଶୀବ୍ରତ ପାଳନୀୟ ଏକାଦଶୀ ଦିନ ଅନ୍ନଭୋଜନ କଲେ ଗୋମାଂସ ଭୋଜନର ପାପ ଲାଗେ । ପ୍ରତିମାସର ଉଭୟ ପକ୍ଷରେ ଆସୁଥିବା ଏକାଦଶୀକୁ ବିଧିବତ ପାଳିବା ଉଚିତ ।

ସପୁତ୍ରଶ୍ଚ ସଭାର୍ଯ୍ୟଶ୍ଚ ସ୍ୱଜନୈର୍ଭକ୍ତିସଂଯୁତଃ ।
ଏକାଦଶ୍ୟାମୁପବସେତ ପକ୍ଷୟୋରୁଭୟୋରପି ।। (ହ. ଭ., ବି. ୧ ୨/୧ ୯)

ଏଠାରେ ସ୍ୱ-ଭାର୍ଯ୍ୟାର ତାତ୍ପର୍ଯ୍ୟ ହେଉଛି ପତ୍ନୀ ସହିତ ଏହି ବ୍ରତକୁ ପାଳିବାର ବିଧାନ ଦିଆଯାଇଛି । ଏହା ଦ୍ୱାରା ସଧବା ସ୍ତ୍ରୀମାନଙ୍କୁ ମଧ ଏକାଦଶୀ ବ୍ରତ ପାଳିବାର ବିଧାନ ଦିଆଯାଇଛି । ଏକାଦଶୀ ବ୍ରତ ନିତ୍ୟବ୍ରତ ଅଟେ, ଏହାକୁ ନ ପାଳିଲେ ଦୋଷ ହୁଏ । ଅତ୍ର ବ୍ରତସ୍ୟ ନିତ୍ୟତ୍ୱାଦବଶ୍ୟଂ ତତ ସମାଚରେତ । ବରଂ ଅନ୍ୟାନ୍ୟ କାମନା-ମୂଳକ ଉପବାସ ହିଁ ସଧବା ସ୍ତ୍ରୀ- ମାନଙ୍କ ପାଇଁ ନିଷିଦ୍ଧ ଅଟେ, ଏକାଦଶୀ ନୁହେଁ ।

(୧୦) ଅଶ୍ୱତ୍ଥ, ତୁଳସୀ, ଧାତ୍ରୀ, ଗୋ, ବାହ୍ମଣ, ବୈଷ୍ଣବଙ୍କୁ ସମ୍ମାନ ଅଶ୍ୱତ୍ଥ, ତୁଳସୀ, ଅଁଳା, ଗୋରୁ, ବ୍ରାହ୍ମଣ ଓ ବୈଷ୍ଣବ ଏମାନଙ୍କୁ ପୂଜା, ଧ୍ୟାନ ତଥା ନମସ୍କାର କଲେ, ଏମାନେ ମନୁଷ୍ୟଙ୍କର ପାପ ନାଶ କରନ୍ତି।

ଅଶ୍ୱତ୍ଥ-ତୁଳସୀ-ଧାତ୍ରୀ-ଗୋ-ଭୂମିସୁର-ବୈଷ୍ଣବାଃ
ପୂଜିତାଃ ପ୍ରଣତାଃ ଧ୍ୟାତାଃ କ୍ଷପୟନ୍ତି ନୃଣାମଘମ । ( ସ୍କନ୍ଦପୁରାଣ)

ବୈଧୀ ଭକ୍ତିର ଅଧିକାରୀ ଏହି ସଂସାରରେ ନିଜ ଜୀବନଯାତ୍ରାର ନିର୍ବାହପାଇଁ ଉପଯୋଗୀ ଅଶ୍ୱତ୍ଥ ଆଦି ଛାୟାଯୁକ୍ତ ବୃକ୍ଷ, ଅଁଳା ଆଦି ଫଳଯୁକ୍ତ ବୃକ୍ଷ, ତୁଳସୀ ଆଦି ଭଜନୀୟ ବୃକ୍ଷ, ଗାଈ ଆଦି ଉପକାରୀ ପଶୁ, ବ୍ରାହ୍ମଣ ଅର୍ଥାତ ଧର୍ମଶିକ୍ଷକ ଓ ସମାଜରକ୍ଷକ ଏବଂ ଭକ୍ତ ବା ବୈଷ୍ଣବ ଏହି ସମସ୍ତଙ୍କୁ ପୂଜନ, ଧ୍ୟାନ ତଥା ପ୍ରଣାମ କରିବା ବିଧେୟ । ଏଇ କାର୍ଯ୍ୟଗୁଡ଼ିକ ଦ୍ୱାରା ସେମାନେ ସଂସାରକୁ ରକ୍ଷା କରନ୍ତି ।

'ଶ୍ରୀମଭଗବଦ୍‌ଗୀତା' ରେ ଅଶ୍ୱତ୍ଥ ବୃକ୍ଷକୁ ଭଗବାନ ଶ୍ରୀକୃଷ୍ଣ ନିଜର ବିଭୂତି ବୋଲି କହିଛନ୍ତି, ଯଥା- ଅଶ୍ୱତ୍ଥ ସର୍ବବୃକ୍ଷାଣାମ - ବୃକ୍ଷମାନଙ୍କ ମଧ୍ୟରେ ମୁଁ ଅଶ୍ୱତ୍ଥ ଅଟେ ।

ତୁଳସୀଙ୍କ ବ୍ୟତୀତ ଭଗବାନ ଅନ୍ନ-ଜଳ ଆଦି କୈଣସି ପଦାର୍ଥକୁ ଗ୍ରହଣ କରନ୍ତି ନାହିଁ ଏକମାତ୍ର ତୁଳସୀପତ୍ର ଏବଂ ଚଳୁଏ ମାତ୍ର ଜଳସମର୍ପଣ କଲେ, ଭକ୍ତବତ୍ସଳ ଭଗବାନ ସେହି ଅର୍ପଣକାରୀ ଭକ୍ତଙ୍କଠାରେ ନିଜକୁ ବିକ୍ରି କରି ଦିଅନ୍ତି ଯଥା -

ତୁଳସୀଦଳମାତ୍ରେଣ ଜଳସ୍ୟ ଚୁଲୁକେନ ବା
ବିକ୍ରୀଣିତେ ସ୍ୱମାତ୍ମାନଂ ଭକ୍ତେଭ୍ୟୋ ଭକ୍ତବତ୍ସଳଃ । (ଗୌତମୀୟ-ତନ୍ତ୍ର-ବାକ୍ୟ)

ଶ୍ରୀତୁଳସୀସେବା ସମ୍ବନ୍ଧରେ ' ଶ୍ରୀଭକ୍ତିରସାମୃତସିନ୍ଧୁ ( ପୁର୍ବ ବିଭାଗ) ରେ କୁହାଯାଇଛି -

ଦୃଷ୍ଟା ସ୍ପୃଷ୍ଟା ତଥା ଧ୍ୟାତା କୀର୍ତ୍ତିତା ନମିତା ଶ୍ରୁତା।
ରୋପିତା ସେବିତା ନିତ୍ୟଂ ପୂଜିତା ତୁଳସୀ ଶୁଭା॥

ଅର୍ଥାତ ତୁଳସୀ ଦେବୀଙ୍କ ଦର୍ଶନ, ସ୍ପର୍ଶନ, ଧ୍ୟାନ, କୀର୍ତ୍ତନ, ପ୍ରଣାମ, ତୁଳସୀ-ମାହାତ୍ମ୍ୟ- ଶ୍ରବଣ, ତୁଳସୀ-ରୋପଣ ଜଳସିଞ୍ଚନାଦି ସେବନ ଓ ପୁଜନ ଏପରି ନଅପ୍ରକାରେ ତୁଳସୀ-ସେବା ବିଧେୟ।

ତୁଳସୀ ଧ୍ୟାନ-ମନ୍ତ୍ର

ଗୋବିନ୍ଦବଲ୍ଲଭାଂ ଦେବୀଂ ଭକ୍ତ-ଚୈତନ୍ୟ-କାରିଣୀମ
ସ୍ନାପୟାମି ଜଗଦ୍ଧାତ୍ରୀଂ ବିଷ୍ଣୁଭକ୍ତି-ପ୍ରଦାୟିନୀମୀ।

ଶ୍ରୀତୁଳସୀ-ଚୟନ ମନ୍ତ୍ର

ତୁଳସ୍ୟମୃତ ଜନ୍ମାସି ସଦା ତ୍ୱଂ କେଶବ-ପ୍ରିୟେ ।
କେଶବାର୍ଥେ ଚିନୋମି ତ୍ୱାଂ ବରଦା ଭବ ଶୋଭନେ ।

ତୁଳସୀ-ପ୍ରଦକ୍ଷିଣା ମନ୍ତ୍ର

ଯାନି କାନି ଚ ପାପାନି ବ୍ରହ୍ମହତ୍ୟାଦିକାନି ଚ ।
ତତ ସର୍ବଂ ବିଲୟଂ ଯାତି ତୁଳସୀ ! ତ୍ୱତ୍ ପ୍ରଦକ୍ଷିଣାତ୍ ।

ତୁଳସୀ-ପ୍ରଣାମ ମନ୍ତ୍ର

ବୃନ୍ଦାୟୈ ତୁଳସୀଦେବ୍ୟୈ ପ୍ରିୟାୟୈ କେଶବସ୍ୟ ଚ
କୃଷ୍ଣଭକ୍ତିପ୍ରଦେ ଦେବୀ ! ସତ୍ୟବତ୍ୟୈ ନମୋ ନମଃ ।

ଅଁଳା--

'ସ୍କନ୍ଦପୁରାଣ'ରେ ଅଁଳାର ମାହାତ୍ମ୍ୟ ଏହିପରି ବର୍ଣ୍ଣନା କରାଯାଇଛି, ଯଥା--

ଧାତ୍ରୀଚ୍ଛାୟାଂ ସମାଶ୍ରିତ୍ୟ ଯୋଽର୍ଚ୍ଚୟେଚକ୍ରପାଣିନମ୍ ।
ପୁଷ୍ପେ ପୁଷ୍ପେଽଶ୍ୱମେଧସ୍ୟ ଫଳଂ ପ୍ରାପ୍ନୋତି ମାନବଃ ।।

ଅର୍ଥାତ୍ ଯେଉଁ ବ୍ୟକ୍ତି ଅଁଳା ବୃକ୍ଷର ଛାୟାରେ ଭଗବାନ ଚକ୍ରପାଣିଙ୍କୁ ପୂଜା-ଅର୍ଚ୍ଚନା କରେ, ସେହି ବ୍ୟକ୍ତି ପୂଜା ସମୟରେ ଅର୍ପଣ କରିଥିବା ପ୍ରତ୍ୟେକ ପୁଷ୍ପ ପାଇଁ ଏକ ଏକ ଅଶ୍ୱମେଧ ଯଜ୍ଞର ଫଳ ପାଏ।

ଗୋ (ଗାଈ-ସେବା)--

ଗୌତମୀୟତନ୍ତ୍ର'ରେ ଗୋ-ମାହାତ୍ମ୍ୟ ସମ୍ବନ୍ଧରେ କୁହାଯାଇଛି

ଗବାଂ କଣ୍ଡୂୟନଂ କୁର୍ଯ୍ୟାତ୍ ଗୋ- ଗ୍ରାସଂ ଗୌ-ପ୍ରଦକ୍ଷିଣମ୍
ଗୋଷୁ ନିତ୍ୟଂ ପ୍ରସନ୍ନାସୁ ଗୋପାଳୋଽପି ପ୍ରସୀଦତି । (ଗୌତମତନ୍ତ୍ର)

ଅର୍ଥାତ୍ ଗୋରୁଙ୍କ ଅଙ୍ଗକୁ କୁଣ୍ଡାଇବା ଦ୍ୱାରା, ଖାଇବାକୁ ଦେବା ଦ୍ୱାରା, ତାହାଙ୍କୁ ପ୍ରଦକ୍ଷିଣ ଦ୍ୱାରା ଗୋମାତାଙ୍କ ପୂଜା ସମ୍ପନ୍ନ ହୁଏ। ଗୋମାତାଙ୍କ ଅଙ୍ଗରେ କୋଟି କୋଟି ଦେବତା ବାସ କରନ୍ତି ବୋଲି ସମସ୍ତ ପୁରାଣ, ଶାସ୍ତ୍ର ମାନଙ୍କରେ ବର୍ଣ୍ଣନା କରାଯାଇଛି । ଭଗବାନ ଶ୍ରୀକୃଷ୍ଣ ମଧ୍ୟ ନିଜ ସଖାମାନଙ୍କୁ ସାଙ୍ଗରେ ନେଇ ସର୍ବଦା ଗୋଚରଣ ଓ ଗୋ-ସେବା ଆଦି କରନ୍ତି। ଗୋ-ପାଳନ, ତାଙ୍କୁ ପ୍ରଣାମ ତଥା ସମ୍ମାନ କରିବା ଭକ୍ତିର ଅଙ୍ଗ ବୋଲି ଗଣା ହୁଏ ଏତେ ଉପକାରୀ ହେତୁ ଗୋମାତା ମାନବମାତ୍ରର ମାତା ରୁପେ ଗଣା ହୁଅନ୍ତି ।

*- କ୍ରମଶଃ*

# ଶ୍ରୀ ଗୌର ପାରମ୍ୟ ବାଦ ଓ ସରସ୍ୱତୀ ଉପାଧିଧାରୀ ଯତିତ୍ରୟ

ଶ୍ରୀ ଭକ୍ତିକୁଶଳ (ଖୋର୍ଦ୍ଧା)

ଶ୍ରୀ ଗୌର ପାରମ୍ୟ ବାଦ କଣ ? ବେଦରେ ବ୍ରହ୍ମୋପାସନା ଶ୍ରୀ କୃଷ୍ଣୋପାସନା 'କୃଷ୍ଣସ୍ତୁଭଗବାନ୍ ସ୍ୱୟଂ' ଏହା ବ୍ୟାସଦେବ ଘୋଷଣା କଲେ, ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ଠାରୁ ଆଉ ବଡ଼ ବା ପରତତ୍ତ୍ୱ କିଛି ନାହିଁ । ଯେମିତି ଶଙ୍କର ପନ୍ଥୀ ମଧୁସୂଦନ ସରସ୍ୱତୀ କହିଲେ 'କୃଷ୍ଣତ୍ ପରଂ କିମତି ତତ୍ତ୍ୱ ମହଂନ ଜାନେ' । ଅର୍ଥାତ୍ କୃଷ୍ଣଙ୍କ ଠାରୁ ଆଉ ବଡ଼ କେହି ଅଛିନ୍ତି ଏହା ମୁଁ ଜାଣେ ନାହିଁ । ସେହିପରି କେଉଁ କେଉଁମାନେ ବିଶେଷ କରି ସରସ୍ୱତୀ ଉପାଧି ଧାରୀ ଯତି (ସନ୍ନ୍ୟାସୀ) ତ୍ରୟ (୧) ଶ୍ରୀ ପ୍ରବୋଧାନନ୍ଦ ସରସ୍ୱତୀ (ଶ୍ରୀ ଚୈତନ୍ୟ ଚନ୍ଦ୍ରାମୃତର ରଚୟୀତା) (୨) ଗୌଡ଼ୀୟମଠ-ମିଶନ ର ପ୍ରତିଷ୍ଠାତା ଶ୍ରୀ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ (୩) ଶ୍ରୀ ବୈଷ୍ଣବାନନ୍ଦ ସରସ୍ୱତୀ ମଧ କିପରି ଶ୍ରୀ କୃଷ୍ଣ ଓ ଶ୍ରୀ ଚୈତନ୍ୟ ଦେବଙ୍କୁ ଅଭିନ୍ନ କହି ତାଙ୍କୁ ପରତତ୍ତ୍ୱସୀମା ଭାବେ ସ୍ଥାପନ କରିଛନ୍ତି ସେମାନଙ୍କ ବିଷୟରେ ପ୍ରୋକ୍ତ ପ୍ରବନ୍ଧରେ ସଂକ୍ଷେପରେ କିଛି ଆଲୋଚନା କରିବାକୁ ଚେଷ୍ଟାକରୁଛି । ଯେଉଁମାନେ ମଧ ଶ୍ରୀକୃଷ୍ଣାରାଧନା ଅପେକ୍ଷା ଗୌର ଆରାଧନାର ଶ୍ରେଷ୍ଠତା ଏବଂ ଗୌରଆରାଧନାରେ ଅଧିକତର ଆନନ୍ଦ ପାଇଛନ୍ତି ତାହାହିଁ ଶ୍ରୀ ଗୌର ପାରମ୍ୟବାଦ । ଉପରୋକ୍ତ ସରସ୍ୱତୀ ଉପାଧିଧାରୀ ଯତିତ୍ରୟଙ୍କ ମଧ୍ୟରୁ ଦୁଇଜଣ ଉତ୍କଳୀୟ ଓ ଅନ୍ୟଜଣେ ପ୍ରବୋଧଦାନନ୍ଦ ଦକ୍ଷିଣଦେଶୀୟ ହେଲେ ମଧ ପରେ ବୃନ୍ଦାବନ ବାସୀ ହୋଇଥିଲେ ।

(୧) ଶ୍ରୀ ପ୍ରବୋଧାନଂଦ ସରସ୍ୱତୀ- ଇଏ ଶ୍ରୀ ବୃନ୍ଦାବନଶତକଂ ଏବଂ ନବଦ୍ୱୀପ ଶତକାଦି ଲେଖିଥିଲେ ମଧ ଏହାଙ୍କ ସସ୍କୃତ ଚୈତନ୍ୟଚନ୍ଦ୍ରାମୃତ' ଗ୍ରନ୍ଥଟି ଶ୍ରୀଚୈତନ୍ୟ ତତ୍ତ୍ୱ ବର୍ଣ୍ଣନରେ ସର୍ବୋତ୍କୃଷ୍ଟ ଗ୍ରନ୍ଥ ବୋଲି ଜଣାପଡ଼େ । ପୂର୍ବେ ଯେ ଏହି ହିଁ କାଶୀର ମାୟାବାଦୀ ପ୍ରକାଶାନନ୍ଦସରସ୍ୱତୀ ଥିଲେ ବୋଲି ଅନେକ କହୁଥିବା ବେଳେ ଶ୍ରୀ ଭକ୍ତିସିଦ୍ଧାନ୍ତ ସରସ୍ୱତୀ କିନ୍ତୁ ଏହାକୁ ଅସ୍ୱୀକାର କରି କହିଛନ୍ତି ଯେ ଜଣେ ମାୟାବାଦୀ ଏତେଦୂର ପର୍ଯ୍ୟନ୍ତ ଗୌରନିଷ୍ଠ ହେବା ସମ୍ଭବ ମନେହେଉ ନାହିଁ । ପ୍ରବୋଧାନଂଦ ହେଉଛନ୍ତି ଗୋପାଳଭଟ୍ଟଙ୍କ ପିତୃବ୍ୟ ।

ଯାହା ହେଉ ଶ୍ରୀ ସରସ୍ୱତୀ ପ୍ରଭୁପାଦ 'ଚୈତନ୍ୟ ଚନ୍ଦ୍ରାମୃତ'କୁ ଏକ ଶ୍ରେଷ୍ଠ ଗୌରତତ୍ତ୍ୱ ସମ୍ବନ୍ଧୀୟ ଗ୍ରନ୍ଥ ଭାବେ ବିବେଚନା କରିଥିଲେ ମଧ କେଉଁ କାରଣ ରୁ ଶ୍ରୀ ଚୈତନ୍ୟ ଚରିତାମୃତ ରଚୟୀତା ଶ୍ରୀମଦ୍ କୃଷ୍ଣଦାସ କବିରାଜ ଗୋସ୍ୱାମୀ ତାଙ୍କ ଗ୍ରନ୍ଥରେ ପ୍ରବୋଧାନନ୍ଦ ବା ତାଙ୍କ ଗ୍ରନ୍ଥର ଶ୍ଳୋକାଦିର ଉଲ୍ଲେଖ କରିନାହାଁନ୍ତି । ତାହା ଜଣାପଡୁ ନାହିଁ । ଶ୍ଳୋକାଦି ଉଦ୍ଧାର କଲେ ପ୍ରବନ୍ଧ ବିସ୍ତାରର ଉତ୍ସ ଅଛି । ଏଣୁ ଚୈତନ୍ୟ ଚନ୍ଦ୍ରାମୃତର ପ୍ରତିଟି ଶ୍ଳୋକ ଓ ବିଶେଷ କରି ୫୮ ଶ୍ଳୋକ ଯଦି ଆମେ ଆଲୋଚନା କରିବା ତେବେ ଦେଖିବା ଯେ ସେ କହିଛନ୍ତି ଶ୍ରୀକୃଷ୍ଣାରାଧନା ଭଲ ମାତ୍ର ଶ୍ରୀ ଗୌର ଆରାଧନା ପ୍ରେମପ୍ରାପ୍ତ୍ୟାର୍ଥେ ଆମ ପାଇଁ ବିଶେଷ ପ୍ରୟୋଜନ ଶ୍ରୀଗୌର ହିଁ ନମସ୍ୟ ଏବଂ ଗୌର ଧାମ ହିଁ ଉପାସ୍ୟ । ଗୌରଭକ୍ତ ମାତ୍ରେ ଏହି ଗ୍ରନ୍ଥ ଜୀବନରେ ନିଶ୍ଚୟ ପାଠ କରିବା ଉଚିତ୍ । ଆଜି ପର୍ଯ୍ୟନ୍ତ ଜଣାପଡ଼ିଥିଲା ଯେ ପ୍ରବୋଧାନଂଦ ଙ୍କ ପରି ଗୌରନିଷ୍ଠ ସନ୍ୟାସୀ ବିରଳ ।

ଶ୍ରୀମଦ୍ କୃଷ୍ଣଦାସ କବିରାଜ ମଧ୍ୟ ସ୍ୱୀୟ ଶ୍ରୀ ଚୈତନ୍ୟ ଚରିତାମୃତ ଗ୍ରନ୍ଥର ଆଦିଲୀଳା ପ୍ରଥମ ପରିଚ୍ଛେଦଦର ୩ୟ ଶ୍ଳୋକରେ ଶ୍ରୀ ଗୌର ପାରମ୍ୟବାଦର ପ୍ରତିପାଦନ କରିବାକୁ ଯାଇ କହିଛନ୍ତି "ନ ଚୈତନ୍ୟାତ୍ କୃଷ୍ଣାଜଗତି ପରତତ୍ତ୍ୱଂ ପରମିହ" ଅର୍ଥାତ୍ ଏଇ ଜଗତରେ ଶ୍ରୀ କୃଷ୍ଣ ଚୈତନ୍ୟଙ୍କ ଅପେକ୍ଷା ପରତତ୍ତ୍ୱ ବା ଶ୍ରେଷ୍ଠ ବସ୍ତୁ ଆଉ କିଛି ନାହିଁ ।

(୨) ଶ୍ରୀ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ପ୍ରଭୁପାଦ :- ଇଏ ୧୮୭୪ରେ ପୁରୀରେ ଆବିର୍ଭୁତ ହୋଇ ୧୯୧୮ ରେ ସନ୍ୟାସ ଗ୍ରହଣ କରି ନବଦ୍ୱୀପ ମାୟାପୁରରେ ମୂଳ (ଆକର) ମଠରାଜ ଶ୍ରୀ ଚୈତନ୍ୟମଠ ଓ ପରେ ଭାରତ ଓ ପାଶ୍ଚାତ୍ୟରେ ୬୪ ବା ୬୮ଟି ମଠ ସ୍ଥାପନ କରି ବିଶ୍ୱରେ ପ୍ରଥମ କରି ବିପୁଳ ଶୁଦ୍ଧଭକ୍ତି ଶ୍ରୀ ଚୈତନ୍ୟବାଣୀ ପ୍ରଚାର କଲେ । ତାଙ୍କ ପିତାମାତା ଉଭୟେ ତାଙ୍କୁ ଗୌରନାମ, ଗୌର ଧାମ ଓ ଗୌର କାମ କରିବାକୁ କହିଥିଲେ । ସେ ତାହା ମଧ୍ୟ କରିଛନ୍ତି । ଶୁଣାଯାଏ ସେ କେବଳ ଶ୍ରୀ ଗୌରମୂର୍ତ୍ତି ପ୍ରତିଷ୍ଠା ଓ ଅର୍ଚ୍ଚନ ପାଇଁ ଇଚ୍ଛୁକ ଥିଲେ ମାତ୍ର ତାଙ୍କ ଶ୍ରେଷ୍ଠ ଶ୍ରୀ କୁଞ୍ଜବିହାରୀ ବିଦ୍ୟାଭୂଷଣ କହିଲେ ପ୍ରଭୁପାଦ ! ମହାପ୍ରଭୁଙ୍କ ବିଗ୍ରହ ସହ ଶ୍ରୀରାଧାକୃଷ୍ଣଙ୍କ ବିଗ୍ରହାର୍ଚ୍ଚନର ବ୍ୟବସ୍ଥା ନକଲେ ସମସ୍ତେ କେବଳ ମହାପ୍ରଭୁଙ୍କ କଥା ବୁଝିପାରିବେ ନାହିଁ । ଏଣୁ ଶ୍ରୀଳ ପ୍ରଭୁପାଦ ସରସ୍ୱତୀ ଠାକୁର ତାଙ୍କ ପ୍ରତିଷ୍ଠିତ ସମସ୍ତ ମଠରେ ପ୍ରାୟତଃ ଶ୍ରୀ ଗୌର-ରାଧାକୃଷ୍ଣ ବଗ୍ରହ ଆରାଧନା ର ବ୍ୟବସ୍ଥା କରିଛନ୍ତି ସେ ମଧ୍ୟ ଶ୍ରୀ ଗୌରଙ୍କୁ ଅଭିନ୍ନ ଶ୍ରୀକୃଷ୍ଣ ବୋଲି କହିଛନ୍ତି । ତାଙ୍କ ପୂର୍ବରୁ ଅନ୍ୟ କେତେକ ଗୌଡ଼ୀୟ ସନ୍ଥ ଏକଥା କହିଥିଲେ ମଧ୍ୟ ସାରାବିଶ୍ୱରେ କିନ୍ତୁ ତାଙ୍କ ପରି ଶ୍ରୀଗୌରରାଧାକୃଷ୍ଣଙ୍କ ଅଭିନ୍ନତ୍ୱ ପ୍ରତିପାଦନ ଓ କାର୍ଯ୍ୟତଃ (practically) ଗୌରଆରାଧନା କେହି କରିବାର ବିଶେଷ ପରିଲକ୍ଷିତ ହୁଏ ନାହିଁ । ଗୌଡ଼ୀୟ ସଂପ୍ରଦାୟର ଆଦି-ମୂଳମଠ ହେଲା ପୁରୀର ଶ୍ରୀ ରାଧାକାନ୍ତ ମଠ ଯେଉଁ ଗମ୍ଭୀରାରେ ମହାପ୍ରଭୁ ଗୌରାଙ୍ଗଦେବ ୧୮ ବର୍ଷ ଅବସ୍ଥାନ କରିଥିଲେ । ତାଙ୍କର ବହୁ ଶାଖା ଥିଲେ ମଧ୍ୟ ଖୁବ୍ କମ ମଠରେ ଗୌର ବିଗ୍ରହ ଅଛନ୍ତି ଅଧିକାଂଶ ମଠରେ ଶ୍ରୀରାଧା କୃଷ୍ଣଙ୍କ ବିଗ୍ରହ ପୂଜା ହିଁ ପରିଲକ୍ଷିତ ହୁଏ । ମାତ୍ର ଶ୍ରୀ ସରସ୍ୱତୀ ପ୍ରଭୁପାଦଙ୍କ ଅଭ୍ୟୁଦୟ ପରଠାରୁ ତାଙ୍କ ଅନୁଗ ସମସ୍ତ ଗୌଡ଼ୀୟ ମଠ-ମିଶନ- ଅନୁଷ୍ଠାନ ଓ ଇସ୍କନାଦିରେ ଶ୍ରୀ ଗୌର ଆରାଧନାର ବିଶେଷତା ଦେଖାଯାଏ । ଏହି ସରସ୍ୱତୀ ପ୍ରଭୁପାଦଙ୍କ ପୂର୍ବାଶ୍ରମ ଓ ନିଜ ଘର ହେଲା ଓଡ଼ିଶାର କେନ୍ଦ୍ରାପଡ଼ା ସନ୍ନିକଟ ଛୋଟୀ ମଙ୍ଗଳପୁର ଗ୍ରାମରେ ଶ୍ରୀକେଦାର ନାଥ ଭକ୍ତିବିନୋଦ ଦତ୍ତ ଠାକୁରଙ୍କ ପୁତ୍ର ରୂପେ ସେ ପୁରୀ ବଡ଼ଦାଣ୍ଡ ବର୍ତ୍ତମାନର ଶ୍ରୀଚୈତନ୍ୟ ଗୌଡ଼ୀୟ ମଠ ସ୍ଥଳୀରେ ପ୍ରକଟ ହୋଇଥିଲେ ଯାହା ଶ୍ରୀ ପ୍ରଭୁପାଦ ଜନ୍ମପୀଠ ଭାବେ ସରସ୍ୱତୀ ବୈଷ୍ଣବ ଗୋଷ୍ଠୀ ଦ୍ୱାରା ସମ୍ମାନୀତ । ପରମହଂସ ଶ୍ରୀ ଭକ୍ତି କେବଳ ଔଡୁଲୋମୀ ଗୋସ୍ୱାମୀ ଗୁରୁମହାରାଜ ତାଙ୍କ ଶ୍ରୀକ୍ଷେତ୍ର ପରିକ୍ରମା କୀର୍ତ୍ତନରେ ଏଣୁ ଗାଇଛନ୍ତି-

"ପ୍ରଭୁପାଦେର ଜନ୍ମ ତୀର୍ଥେ ଦଣ୍ଡ ପରଣାମ" ।

(୩) ଶ୍ରୀବୈଷ୍ଣବାନଂଦ ସରସ୍ୱତୀ:-

ଏହାଙ୍କୁ ଅନେକ ଏଯାବତ ଜାଣି ନାହାନ୍ତି । ଏହାଙ୍କ ଜୀବନୀ ସଂପୂର୍ଣ୍ଣ ଜଣା ନ ପଡ଼ିଥିଲେ ମଧ୍ୟ ଇଏ ଯେ ଉତ୍କଳୀୟ ଏବଂ ବିଶେଷକରି ସମ୍ବଲପୁର ଅଞ୍ଚଳରେ ଏହାଙ୍କ ଜନ୍ମ ବୋଲି ଅନୁମାନ କରାଯାଏ । ସମ୍ବଲପୁର ତଥା କଟକ ଜିଲ୍ଲା ବାଙ୍କୀ ସନ୍ନିକଟ ଘୋଡ଼ାବର ଗ୍ରାମରେ ଏହାଙ୍କର ଦୁଇଟି ମଠ ଥିବା ଜଣାପଡ଼ିଛି । ସଂକ୍ଷେପରେ ଏହାଙ୍କ ସମ୍ବନ୍ଧରେ ଏତିକି କହିଲେ ଯଥେଷ୍ଟ ହେବ ଯେ ତାଙ୍କ ପରି ଗୌରନିଷ୍ଠ ମହାତ୍ମା ଏବଂ ଗୌରତତ୍ତ୍ୱର ଶ୍ରେଷ୍ଠ ବକ୍ତା ଓ ଲେଖକ କେବଳ ଓଡ଼ିଶାରେ ନୁହେଁ ବିଶ୍ୱରେ ଅନନ୍ୟ । ସେ ମଧ୍ୟ ଥିଲେ ବ୍ରଜବାସୀ । ଜଣେ ଓଡ଼ିଆ ହୋଇଥିବାରୁ

ସେ ଏଥିପାଇଁ ଆମେମାନେ ବଶେଷ ଗର୍ବିତ । କେବଳ ତାଙ୍କ ଅନନ୍ୟ ଗୌରନିଷ୍ଠା ଯୋଗୁ ନୁହେଁ ତାଙ୍କ ଗ୍ରନ୍ଥ ସଂପାଦନା ଯୋଗୁ । ଜଣେ ଓଡ଼ିଆ ସରସ୍ୱତୀ ଉପାଧି ଧାରୀ ସନ୍ୟାସୀ ଓଡ଼ିଆ, ସଂସ୍କୃତ ଓ ଇଂରାଜୀରେ ଯେ ମହାପ୍ରଭୁ ଗୌରାଙ୍ଗଙ୍କ ପରତତ୍ତ୍ୱସୀମା, ଶ୍ରେଷ୍ଠତା ଏପରି ଭାବେ ଉପସ୍ଥାପନା କରି ବାରେ ସକ୍ଷମ ହୋଇଛନ୍ତି ଭାବିଲେ ମନରେ ଗର୍ବ ତ ଆସେ ଆଉ ମନେ ପଡ଼ିଯାଏ କେନେଡ଼ି ସାହେବଙ୍କ ଇଂରାଜୀ ଚୈତନ୍ୟ ମୁଭ୍‌ମେଣ୍ଟ ପୁସ୍ତକର ଏଇ କଥା "Orissa became such a stronghold of the Chaitanya faith that today the name of Gauranga is more commonly- in Orissa than in Bengal itself" ପୁଣି କଟକରୁ ପ୍ରକାଶିତ ବୈତରଣୀ ସାମୟକ ପ୍ରତିକା VOL- XI. NO-1 ସେପ୍ଟମ୍ବର ୧୯୩୬ ପୃଷ୍ଠା ୫୪ ଯାହାକହେ "Orissa was Chaitanya and Chaitanya was Orissa. The king, the subjects the high & low all were mad after him".

"ଏଇଥି ପାଇଁ ବୋଧେ ଓଡ଼ିଶାରେ ଜନ୍ମିତ ଶ୍ରୀବୈଷ୍ଣବା ନଂଦ ସରସ୍ୱତୀ ୧୦-୧୫ ଖଣ୍ଡରୁ ଅଧିକ କେବଳ ଶ୍ରୀ ଗୌର ସମ୍ବନ୍ଧୀୟ ଗ୍ରନ୍ଥ ରଚନା କରିଛନ୍ତି ଯାହା ଅନାସ୍ୱାଦିତ ପୂର୍ବ । ତାଙ୍କ ସଂସ୍କୃତ ଲିଖିତ ଗୌର ଗ୍ରନ୍ଥ 'ପ୍ରେମସାଗର ବ୍ରହ୍ମ ଗୀତା' ଖୋର୍ଦ୍ଧା ଶ୍ରୀ ଚୈତନ୍ୟ ରିସର୍ଚ୍ଚ ଆସୋସିଏସନ୍ ପକ୍ଷରୁ ପ୍ରକାଶ ପାଇଛି ଏବଂ "ଗୌରସାଗର" ନାମକ ଓଡ଼ିଆ ପଦ୍ୟଗ୍ରନ୍ଥ ମଧ୍ୟ ପ୍ରକାଶ ଅପେକ୍ଷାରେ । ଶ୍ରୀ ଗୌରାଙ୍ଗ ଦେବଙ୍କ ସମ୍ବନ୍ଧରେ ଏପରି ଗ୍ରନ୍ଥ ଭାରତରେ ରଚିତ ହୋଇ ନାହିଁ । ରସିକ ଗୌରଭକ୍ତ ପାଠକ ପଢ଼ିଲେ ହିଁ ଏହା ଅନୁଭବ କରିବେ ଯାହାକି ଅନେକ ଶାସ୍ତ୍ର ପ୍ରମାଣ ଦ୍ୱାରା ପ୍ରତିପାଦିତ ହୋଇଛି । ଶ୍ରୀକୃଷ୍ଣ ହିଁ ଯଦିଓ ଶ୍ରୀ ଚୈତନ୍ୟ ତଥାପି ଶ୍ରୀ ଗୌର ଗୋବିନ୍ଦଙ୍କର ଶ୍ରେଷ୍ଠତା ଏହି ଗ୍ରନ୍ଥରେ ଛତ୍ରେ ଛତ୍ରେ ଶାସ୍ତ୍ର ପ୍ରମାଣ ସହ ଉପସ୍ଥାପନ କରାଯାଇଛି ।

---

# ପ୍ରଚାରଢ଼ାଞ୍ଚା - ମହାଭାରତରେ ଗୋପୀ ବଲ୍ଲଭଶ୍ରୀକୃଷ୍ଣ

**ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ**

ସାହିତ୍ୟ ଅଥବା ପରମାର୍ଥ ସାହିତ୍ୟ, ଶାସ୍ତ୍ରାନୁଶୀଳନ, ଅଧ୍ୟୟନ ଅଧ୍ୟାପନା ଏସବୁର ମୂଳ କଥା ହେଲା ସମାଜର ହିତସାଧନ । ଯାହା ବ୍ୟକ୍ତିର ହିତକରେ ତାହାସାହିତ୍ୟ । ପରମାର୍ଥ ସାହିତ୍ୟ-ପରତତ୍ତ୍ୱର ଆଲୋଚନା କରି ଅପର ଅନାବଶ୍ୟକ, ଅହିତ ଧାରଣାକୁ ଦୂରୀଭୂତ କରି ସତ୍ୟ ର ସଂଧାନ ଦିଏ । ଗୌଡ଼ୀୟ ମଠ ସଂସ୍ଥାପକ ପରମାରାଧ୍ୟ ଶ୍ରୀମଦ୍‌ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦ ଶୁଦ୍ଧଭକ୍ତି ଚୈତନ୍ୟବାଣୀ ବିଶ୍ୱରେ ପ୍ରଚାର କରିବା ପାଇଁ କେତେଗୁଡ଼ିଏ ପତ୍ର-ପତ୍ରିକା ପ୍ରକାଶ କରି ତହିଁରେ ପ୍ରବନ୍ଧାକାରେ ତାହା ଉପସ୍ଥାପନ ମୂଳକ ପୂର୍ବରୁ ଲୋକମାନଙ୍କ ମନରେ ଥିବା ଭୂଲ ଧାରଣାକୁ ହଟାଇ ସତ୍ୟ ସଂନ୍ଧାନାର୍ଥେ ଜୀବନବ୍ୟାପୀ ଚେଷ୍ଟା କରିଥିଲେ ।

ମୁଖ୍ୟତଃ ତାଙ୍କ ପ୍ରବର୍ତ୍ତିତ ବଙ୍ଗଳା 'ଗୌଡ଼ୀୟ' ଏବଂ ଓଡ଼ିଆ 'ପରମାର୍ଥୀ'ରେ ସେତେବେଳେ ବହୁ ସମାଲୋଚନା ମୂଳକ ପ୍ରବନ୍ଧ ପ୍ରକାଶ ପାଉଥିଲା । ଅଭକ୍ତିପର ମତବାଦ ବିଶେଷ କରି ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ପ୍ରବର୍ତ୍ତିତ ଧର୍ମ କୁ ନାନା ଅପସଂପ୍ରଦାୟ ମନୋଧର୍ମୀ କଳୁଷିତ କରିଦେଇଥିଲେ । ଶ୍ରୀଳ ପ୍ରଭୁପାଦଦ ଓ ତାଙ୍କ ଅନୁଗମାନେ ସେହି ସମସ୍ତ ଅପସିଦ୍ଧାନ୍ତ ଖଣ୍ଡନ କରି ସତ୍ ସିଦ୍ଧାନ୍ତ ସ୍ଥାପନ କଲେ । ପ୍ରାଚୀନ 'ପରମାର୍ଥୀ' ପତ୍ରିକା ପଢ଼ିଲେ ଜାଣିପାରିବା ଯେ ମହାପ୍ରଭୁଙ୍କ ନାମରେ କେତେ କଳଙ୍କ ବୋଲି, ନାନା ଅଯୁକ୍ତିକର କଥା ଲେଖି ଲୋକମାନଙ୍କୁ ଭ୍ରାନ୍ତ କରାଯାଉଥିଲା ଶ୍ରୀଳପ୍ରଭୁପାଦଙ୍କ ଅଭ୍ୟୁଦୟ

ଓ 'ପରମାର୍ଥୀ' ପତ୍ରିକା ର କୀର୍ତ୍ତନ (ବୃଦତ୍‌ମୃଦଙ୍ଗବାଦନ) ଫଳରେ ମହାପ୍ରଭୁ ଓ ତାଙ୍କ ପ୍ରବର୍ତ୍ତିତ ବିମଳ ବୈଷ୍ଣବ ସମ୍ବନ୍ଧରେ ଲୋକେ ପ୍ରକୃତ କଥା ଜାଣି ପାରି ଅନେକ ଶିକ୍ଷିତ, ଜ୍ଞାନୀ, ଗୁଣି ଶ୍ରୀ ପ୍ରଭୁପାଦ ଓ ତଦନୁଗଗଣଙ୍କ ସାନ୍ନିଧ ଲାଭ କରି ସତ୍ୟ ପଥର ଯାତ୍ରୀ ହେଲେ ।

ଏବେ କିନ୍ତୁ ଆମେ କେତୋଟି ମାତ୍ର ଧାମରେ ସଂପ୍ରଦାୟର କିଛି ଗ୍ରନ୍ଥ ପଢ଼ି ତାକୁ ନକଲ କରି ପ୍ରବନ୍ଧ ଲେଖି ଦେଉଛୁ । କେଉଁଟା ଭୁଲ କେଉଁଟା ଠିକ୍ ସେ ବିଷୟରେ ଭଲ କରି ନ ଜାଣି, ନପଢ଼ି ଲେଖିଦେଲେ ଭୁଲ୍ ହୋଇ ଯିବ । ଶ୍ରୀଳ ପ୍ରଭୁପାଦଙ୍କ ସମୟରେ ଯେଉଁ ପତ୍ର ପତ୍ରିକାରେ ମହାପ୍ରଭୁଙ୍କ ବିରୋଧି ତଥା ଅପସିଦ୍ଧାନ୍ତ ବାହାରୁ ଥିଲା ସେ ସବୁକୁ ପଢ଼ିବାର ପ୍ରତିବାଦ, ସମାଲୋଚନା ଆମ ପତ୍ର ପତ୍ରିକାରେ ଦିଆଯାଉଥିଲା । ପତ୍ରିକା ଗୋଟିଏ ଧାର୍ମିକ ଅନୁଷ୍ଠାନର ଦର୍ପଣ ସଦୃଶ ।

ଏଠାରେ ଗୋଟିଏ (ସତକଥା) ଉଦାହରଣ ଦେଉଛି । ଶ୍ରୀଳ ପ୍ରଭୁପାଦଙ୍କ ପ୍ରଚାର ଜୋର୍ ଚାଲିଥାଏ । ଥରେ ପ୍ରୟାଗରେ ଜଣେ ମାୟାବାଦୀ ସନ୍ୟାସୀ ସବୁକିଛି ମିଥ୍ୟା ବୋଲି ପ୍ରବଚନ ଦେଉଥାନ୍ତି କାରଣ ସେମାନଙ୍କର ସିଦ୍ଧାନ୍ତ ହେଲା 'ବ୍ରହ୍ମ ସତ୍ୟ ଜଗତ୍ ମିଥ୍ୟା ?' ଏ ସମୟରେ ଆମର ଦଳେ ତେଜ ଓ ପ୍ରତିଭା ଦୀପ୍ତ ଶ୍ରୀ ପ୍ରଭୁପାଦଙ୍କ ବ୍ରହ୍ମଚାରୀ ଏକଥା ସହ୍ୟ କରି ନପାରି ସଭା ଉପରେ ସେହି ବକ୍ତାଙ୍କୁ ଚାପୁଡ଼ାଟିଏ ମାରିଦେଲେ । ସଭାରେ ବହୁ ଜ୍ଞାନୀଗୁଣି କେବଳ ନୁହଁନ୍ତି ୨/୩ ଜଣ ବିଚାର ପତି ମଧ ଥିଲେ । କଥାଟା ମକଦମା ଆଡ଼କୁ ଗଲା ପ୍ରତ୍ୟକ୍ଷ କରିଥିବା ଲୋକେ ଆମ ବ୍ରହ୍ମଚାରୀଙ୍କ ବିପକ୍ଷରେ ସାକ୍ଷୀ ମଧ ଦେଲେ । ବ୍ରହ୍ମଚାରୀ ଜଣଙ୍କ କହିଲେ ହଁ ମୁଁ ସ୍ୱୀକାର କରୁଛି ଯେ ମୁଁ ଚାପୁଡ଼ା ମାରିଛି, ସମସ୍ତେ ଏହା ଦେଖିଥିଲେ ମଧ ବକ୍ତା କହିବା ଅନୁସାରେ କେବଳ ବ୍ରହ୍ମ ସତ୍ୟ, ଜଗତର ସବୁ କିଛି ମିଥ୍ୟା, ସଭା ମିଥ୍ୟା ଏବଂ ମୋ ମାଡ଼ମାରିବା ମଧ ମିଥ୍ୟା । ବିଚାର ପତି ଏ କଥା ଶୁଣି ବିଚାର କରି ବ୍ରହ୍ମଚାରୀଙ୍କୁ ଦୋଷମୁକ୍ତ କଲେ । ଶ୍ରୀଳ ପ୍ରଭୁପାଦଙ୍କ ପରେ ସେହି ତେଜସ୍ୱୀ ବ୍ରହ୍ମଚାରୀ ଜଣଙ୍କ ଗୁରୁ ହୋଇ ଶିଷ୍ୟକରି ମଠ କଲେ । ଏ ଅକିଞ୍ଚନ ତାଙ୍କୁ ଥରେ ସାକ୍ଷାତ କରିବା ବେଳେ ଦୈନ୍ୟର ସହ ପଚାରିଲା ଯେ ମହାରାଜ ! ଏବେ କାହିଁକି ଆମର ପ୍ରଚାର ସେହିପରି ହେଉ ନାହିଁ । ସେ ହସି ଉତ୍ତର ଦେଲେ ଯେ ସେତେବେଳେ ଶ୍ରୀ ପ୍ରଭୁପାଦଙ୍କ ଭଜନ ଶକ୍ତି ବଳରେ ଆମେ ଏସବୁ କରୁଥିଲେ, ବର୍ତ୍ତମାନ ଆଉସବୁ ସମ୍ଭବ ନୁହେଁ ।

ପ୍ରଚାର କରିବାକୁ ଗଲେ ଆମକୁ ଆମ ସଂପ୍ରଦାୟ ଶାସ୍ତ୍ର ସହ ଅନ୍ୟ ସବୁ ବିଷୟରେ କିଛି ଜାଣିବା ଦରକାର । ନତୁବା ଭୁଲ ହୋଇଯିବ । ଆମରି ଧାରାର ଗୋଟିଏ ନୂଆ ଭକ୍ତି ଅନୁଷ୍ଠାନର କେତେକ ପ୍ରାଥମିକ ଜ୍ଞାନ ଲାଭ କରିନଥିବା ପ୍ରଚାରକ ଅନ୍ୟକୁ କହୁଛନ୍ତି ଆରେ ସେଇଟା ମାୟାବାଦୀ । କିନ୍ତୁ ମାୟାବାଦ ଯେ କଣ ସେ ନିଜେ ତାହା ଜାଣିନାହାଁନ୍ତି । ଏପରିକଲେ ବିପଦ ପଦେ ପଦେ ଆସିବ ।

ଆଉ ଗୋଟିଏ ସତକଥା ଉଲ୍ଲେଖ କରୁଛି । ଆମ ଗୋଷ୍ଠୀର ଜଣେ ମହାରାଜ କହୁ କହୁ କହିପକାଇଲେ ମହାପ୍ରଭୁ ସ୍ୱୟଂ ଭଗବାନ । ହଠାତ୍ ଜଣେ ସାଧାରଣ ଶ୍ରୋତା ଏ କଥାକୁ ଧରି ପ୍ରଶ୍ନ ପଚାରିବା ବେଳେ ଆମର ଆଉ ଜଣେ ବୈଷ୍ଣବ ସେ କଥାକୁ ଭୁଲାଇ ଅନ୍ୟ ପ୍ରସଙ୍ଗ ଆଡ଼କୁ କଥାନେଇ ଗଲେ କାରଣ ସେ ଦେଖିଲେ ଯେ ଏଠାରେ ଗଣ୍ଡଗୋଳ ହୋଇଯିବ । ସେହିପରି ଆମ ଇଷ୍ଟଗୋଷ୍ଠୀରେ ଥରେ ଜଣେ ପ୍ରଶ୍ନ କଲେ ଯେ ପୁରୀକଣ ଗୋଟେ ଧାମ ? ଉତ୍ତର ଦେଉଥିବା ସନ୍ୟାସୀ କହିଲେ ହଁ ପୁରୀ ଗୋଟେ ଧାମ କାରଣ ସେଠାକୁ ଶ୍ରୀ ଚୈତନ୍ୟ ମହାପ୍ରଭୁ ଯାଇଛନ୍ତି, ରହିଛନ୍ତି । ଏଇପରି ଯଦି ଆମେ ଆଲୋଚନା କରୁ ତେବେ ପରିସ୍ଥିତି ଯେ କେଉଁଠି କଣ ହେବ କହିହେବନି । ତେବେ ଏସବୁ ପ୍ରୋକ୍ତ ପ୍ରବନ୍ଧର ମୁଖ୍ୟ ଆଲୋଚନୀୟ ନୁହେଁ । ଆଲୋଚ୍ୟ ହେଲା ଏବେ ବୈଦିକ ଅନୁସଂଧାନ ପ୍ରତିଷ୍ଠାନ ପକ୍ଷରୁ ଗୋଟିଏ ପୁସ୍ତକ ବାହାରିଛି । ବହିର ନାମ ହେଲା "କେଉଁ କୃଷ୍ଣ ଆମର ଆଦର୍ଶ, ମହାଭାରତ ନା ପୁରାଣର ?

ଏଥିରେ ବିଶେଷ କରି ବୈଷ୍ଣବମାନଙ୍କୁ ଅନେକ ପ୍ରଶ୍ନ ପଚରାଯାଇଛି । ମୂର୍ତ୍ତିପୂଜା ଦ୍ୱାରା ଭାରତର ଅଧଃପତନ ଏବଂ ମହାଭାରତ ପର ବର୍ତ୍ତୀ ଅର୍ଥାତ୍ ସେମାନଙ୍କ କହିବା ଅନୁସାରେ ବିଶେଷକରି 'ଭାଗବତ ବର୍ଣ୍ଣିତ ରାସଲୀଳାଦିକୁ ସେମାନେ ସମାଲୋଚନା କରି ମହାଭାରତର କୃଷ୍ଣ ଯେ ଆଦର୍ଶ ସ୍ଥାନୀୟ ଏବଂ ଭାଗବତରେ ଶ୍ରୀକୃଷ୍ଣଙ୍କ ଚରିତ୍ର ସଂହାର କରାଯାଇଥିବା ଅନେକ କଥା ଉଲ୍ଲେଖ କରିଛନ୍ତି । ଆମେ ଏପୁସ୍ତକ ପଢ଼ି ତାର ଉପଯୁକ୍ତ ସମାଲୋଚନା ଦେବା ଆବଶ୍ୟକ । ଆମେ ଯଦି ନପଢ଼ିବା ତେବେ ଭୁଲ୍-ଠିକ୍ ଜାଣିବା କିପରି ? ମୋଟା ମୋଟି ସେମାନଙ୍କ କହିବା କଥା ଗୋପୀମାନଙ୍କ ପ୍ରସଙ୍ଗ ବସ୍ତ୍ରହରଣ, ରାସଲୀଳାଦି କଳ୍ପିତ । ଏ ବିଷୟରେ ବୈଷ୍ଣବ ସିଦ୍ଧାନ୍ତ କଣ, ପ୍ରକୃତ ରହସ୍ୟ କଣ ? ଏସବୁ ସେମାନେ ଜାଣିବାର ଅବସର ପାଇ ନାହାନ୍ତି କିମ୍ବା ଆମେ ମାନେ ଏ ବିଷୟରେ ପ୍ରତିବାଦ, ସତ୍ୟ ସ୍ଥାପନାର୍ଥେ ପ୍ରଯତ୍ନ କରୁନାହୁଁ । ଯାହାହେଉ ସେମାନେ କହିବା କଥା ମହାଭାରତରେ ଆଦର୍ଶ ସଂଯମୀ, ଆର୍ଯ୍ୟମର୍ଯ୍ୟାଦାସଂରକ୍ଷକ କୃଷ୍ଣଙ୍କ କଥା ବର୍ଣ୍ଣନ-ହୋଇଥିବା ବେଳେ ଭାଗବତରେ ପରସ୍ତ୍ରୀ ସ୍ପର୍ଶ କାରୀ ଶ୍ରୀକୃଷ୍ଣଙ୍କ କଥା ଉଲ୍ଲେଖ ଅଛି ଆଗାମୀ ପୀଢ଼ୀର ମନୁଷ୍ୟମାନଙ୍କ ଉପରେ ଖରାପ ପ୍ରଭାବ ପକାଇବ ।

ରାସଲୀଳା ଯେ ରାସ ବିଡ଼ମ୍ବନଂ କାମ ବିଜୟ ଖ୍ୟାପନମ୍ ଇତ୍ୟେବ ତତ୍ତ୍ୱମ୍' ଅର୍ଥାତ୍ (ରାସକ୍ରୀଡ଼ା କାମ ବା ମଦନ ବିଜୟର ଲୀଳା) ଏବଂ 'ନିବୃତ୍ତି ପରାଇୟଂ ପଞ୍ଚାଧ୍ୟାୟୀ' (ରାସ ପଞ୍ଚାଧ୍ୟାୟୀ ପ୍ରବୃତ୍ତି ନୁହେଁ, ନିବୃତ୍ତିର ପଥ ପ୍ରଦର୍ଶକ) ବାଳକଟିଏ ଯେପରି ତାର ପ୍ରତି ବିମ୍ବସାହ ଖେଳେ ରମାପତି ଶ୍ରୀକୃଷ୍ଣ ସେହିପରି ବ୍ରଜରମଣୀ ନିଜଛାୟା ସହ ଖେଳିଥିଲେ ଏବଂ ଏହା ଯୋଗମାୟା ଶକ୍ତି ଦ୍ୱାରା ସଂଗଠିତ ହୋଇଥିଲା । "ରେମେରମେଶ ବ୍ରଜସୁନ୍ଦରୀଭିଃ, ଯଥାର୍ଭକ ସ୍ୱ ପ୍ରତିମିମ୍ବ ବିଭ୍ରମଃ (ଭା ୧୦-୩୩-୧୭)ପୁଣି ଯେଉଁ ଲୀଳା ଶୁଣିଲେ ହୃଦୟର କାମ ରୋଗ ଦୂର ହୋଇ ପରାଭକ୍ତି ଲାଭ ହେବ "ହୃଦ୍ରୋଗ ମାଶ୍ୱପହିନୋତ୍ୟଚିରେଣ ଧୀରଃ (ଭା ୧୦-୩୩-୪୦) ଏସବୁ କଥା ବୁଝିବା ପାଇଁ ସେମାନେ ଅବସର ପାଇ ନାହାଁନ୍ତି ।

ସେମାନେ କହିବା କଥା ମହାଭାରତ କୃଷ୍ଣ ନିର୍ମଳ ଆଉ ଭାଗବତର ଗୋପୀ ପ୍ରୀୟଜନ ରାଧିକାମଣ କୃଷ୍ଣଙ୍କ ଚରିତ୍ର ନିର୍ମଳ ନୁହେଁ ଏଣୁ ମହାଭାରତର ବର୍ଣ୍ଣନ ଠିକ୍ । ମହାଭାରତ ଯିଏ ଲେଖିଛନ୍ତି ଶ୍ରୀମଦ୍ ଭାଗବତ ମଧ ସେହିଁ ଲେଖିଛନ୍ତି କିନ୍ତୁ ଏଠାରେ ସେ ସମାଧି ଲବ୍ଧ ଜ୍ଞାନରେ ଭଗବାନଙ୍କ ବିମଳ ସ୍ୱରୂପ ଦେଖିଲେ- 'ଅପଶ୍ୟଂ ପୁରୁଷଂ ପୂର୍ଣ୍ଣ ମାୟାଂଚ ତଦପାଶ୍ରୟାମ୍" ଏଣୁ ଭାଗବତରେ ନିତ୍ୟ ଗୋଲୋକରେ ନିତ୍ୟକ୍ରୀଡ଼ା କରୁଥିବା ଗୋପୀମାନଙ୍କ ସହ ଗୋପୀ ଜନବଲ୍ଲଭ କୃଷ୍ଣଙ୍କ ପୂର୍ଣ୍ଣତମ କୃଷ୍ଣଙ୍କ ଲୀଳାର ଅବତାରଣା କଲେ । ମହାଭାରତର ଚୁମ୍ବକରେ ଗୋପୀଜନବଲ୍ଲଭ କୃଷ୍ଣଙ୍କ କଥା ଉଲ୍ଲେଖ ଅଛି । ପାଠ କଲେ ଜାଣିହେବେ । ଅବଶ୍ୟ କୌଣସି କୌଣସି ସଂସ୍କରଣରେ ଏହି ଶ୍ଲୋକ ନାହିଁ ମାତ୍ର ଗୀତା ପ୍ରେସ ପ୍ରକାଶିତ ମହାଭାରତ ସଭାପର୍ବରେ ଦ୍ରୌପଦୀଙ୍କ ବସ୍ତ୍ରହରଣ ବେଳେ ସେ ଦ୍ୱାରକା ବାସୀଗୋବିନ୍ଦ ଓ ଗୋପୀ ଜନବଲ୍ଲଭ ଶ୍ରୀକୃଷ୍ଣଙ୍କୁ ସ୍ମରଣ କରିବା କଥା ଏହିପରି ଉଲ୍ଲେଖ ଅଛି, -

ଗୋବିନ୍ଦେତି ସମାଭାସ୍ୟ କୃଷ୍ଣେତି ଚ ପୁନଃ ପୁନଃ । ମନସୋ ଚିନ୍ତୟା ମାସ ଦେବ ନାରାୟଣଂ ପ୍ରଭୁମ୍ ॥
ଆପସ୍ଥ୍ୟ ଭୟଦଂ କୃଷ୍ଣଂ ଲୋକାନାଂ ପ୍ରପିତା ମହମ୍ । ଗୋବିନ୍ଦ ଦ୍ୱାରିକା ବାସିନ୍ କୃଷ୍ଣ ଗୋପୀଜନ ପ୍ରିୟ ॥
କୌରବେ ପରିଭୂତାନାଂ କିଂନଃ ଜାନସି କେଶବ । ହେ ନାଥ ହେ ରମାନାଥ ବ୍ରଜ ଜନାର୍ତ୍ତିନାଶନଃ ॥
(ଅଠଷଠିତମ ଅଧ୍ୟାୟ ୩୯-୪୬)

ମହାଭାରତରେ ଯାହା ବୀଜାକାରେ ଥିଲା ଶ୍ରୀମଦ୍‌ଭାଗବତରେ ତାହା ପରିପୂର୍ଣ୍ଣ ବୃକ୍ଷ ହୋଇ ନିଗମ କଳ୍ପତରୁର ଗଳିତ ଫଳ ପ୍ରସୂ ହୋଇଛି । ଭାଗ୍ୟବାନ ହିଁ ତାହା ଶ୍ରୀଗୁରୁ କୃପାରୁ ପ୍ରାପ୍ତ ହୋଇ ଆସ୍ୱାଦନ କରିଥାନ୍ତି ।

ଅସରଜ୍ଞ କାକ ଚୂଷେ ଜ୍ଞାନ ନିମ୍ବଫଳ / ରସଜ୍ଞ କୋକିଳଖାୟ ପ୍ରେମାମ୍ର ମୁକୁଳ ॥ (ଚୈ.ଚ) +++